
ବର୍ଷ ୨୦୧୧

# ସରଗିଫୁଲ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

ବର୍ଷା-୨୦୧୧

# ସରଗିଫୁଲ

ସଂପାଦକ
ଦାଶ ବେନହୁର

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

# ସରଗିଫୁଲ
ବର୍ଷା-୨୦୧୧

ସଂପାଦକ : ଦାଶ ବେନହୁର

ସଂପାଦନା ମଣ୍ଡଳୀ : ସନ୍ତୋଷ ଷଡ଼ଙ୍ଗୀ
ବିଶ୍ୱର କୁମାର ନାୟକ
ପରମାନନ୍ଦ ପଟେଲ୍

ସଦସ୍ୟ ସଚିବ,
© ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

ମୁଦ୍ରଣ :
କ୍ୟାପିଟାଲ୍ ବିଜ୍‌ନେସ୍ ସର୍ଭିସ୍ ଆଣ୍ଡ୍ କନ୍‌ସଲଟାନ୍ସି
ବି-୫୧, ଶହୀଦନଗର, ଭୁବନେଶ୍ୱର

**ନବୀନ ପଟ୍ଟନାୟକ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା



सत्यमेव जयते
ଓଡ଼ିଶା ସରକାର

ଟେଲିଫୋନ୍ (୦୬୭୪) : ୨୫୩୧୧୦୦ (Off.)
(୦୬୭୪) : ୨୫୯୧୦୯୯ (Res.)
ଫାକ୍ସ (୦୬୭୪) : ୨୫୩୫୧୦୦ (Off.)
(୦୬୭୪) : ୨୫୯୦୮୩୩ (Res.)
ଇମେଲ୍-cmo@ori.nic.in

ନଂ. ୬୧୦

ଭୁବନେଶ୍ୱର
ତା. ୨୯.୦୯.୨୦୧୧

# ବାର୍ତ୍ତା

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟମାନଙ୍କର ଛାତ୍ରଛାତ୍ରୀଙ୍କ ଲେଖାମାନ ସଂକଳିତ ହୋଇ ସରଗିଫୁଲ ପୁସ୍ତକ ପ୍ରକାଶିତ ହେଉଥିବା ଜାଣି ମୁଁ ଆନନ୍ଦିତ ।

ଆଶା କରୁଛି ଏହା ଆମର ଅନୁସୂଚିତ ଜାତି ଓ ଜନଜାତି ପିଲାମାନଙ୍କ ସୃଜନୀଶକ୍ତିର ବିକାଶରେ ବିଶେଷ ସହାୟକ ହେବ ।

ମୁଁ ସରଗିଫୁଲର ବିପୁଳ ସଫଳତା କାମନା କରୁଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)





ଶ୍ରୀ ଲାଲ ବିହାରୀ ହିମିରିକା
ମାନ୍ୟବର ମନ୍ତ୍ରୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ
ସଂଖ୍ୟାଲଘୁ ଓ ପଛୁଆବର୍ଗ ଶ୍ରେଣୀ କଲ୍ୟାଣ
ଓଡିଶା

# ବାର୍ତ୍ତା

ଓଡିଶାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟମାନଙ୍କର ଛାତ୍ରଛାତ୍ରୀଙ୍କ ଭାବ ଓ ମାନସ ମନ୍ଥନର ପ୍ରକାଶିତ ରୂପ 'ସରଗିଫୁଲ' ଦେଖି ମୋର କୈଶୋର ଆସି ମୋ ଆଗରେ ଠିଆ ହେଲା ପରି ଲାଗିଲା । ସେତେବେଳେ ଏମିତି ଏକ ମାଧ୍ୟମ ନ ଥିଲା ଯେତେବେଳେ ଆମେ ଖୋଲାଖୋଲି ଭାବରେ କହିପାରୁଥିଲୁ କିମ୍ବା ଅନ୍ୟମାନଙ୍କ ନିକଟରେ ପହଞ୍ଚାଇପାରୁଥିଲୁ । ବର୍ତ୍ତମାନ ଏହି ପ୍ରକାଶିତ ରୂପ ମୋତେ ଖୁବ୍ ଆନନ୍ଦ ଦେଉଛି ।

ଏ ଉଦ୍ୟମ କିଶୋର ପ୍ରାଣକୁ ଅଧିକ ସମ୍ଭାବନା ଦେବ-ଅନ୍ୟ ଆଖିରେ ନିଜକୁ ତଉଲିବାର ଏକ ସୁଯୋଗ ଦେବ-ଏହା ନିଃସନ୍ଦେହ । ଆଗାମୀ ଦିନରେ ଅଧିକରୁ ଅଧିକ କିଶୋର ପ୍ରାଣର ଉଚ୍ଛଳ ଆବେଗ ବହନ କରି ସରଗିଫୁଲ ପ୍ରସ୍ଫୁଟିତ ହେଉ-ଏହି କାମନା କରୁଛି ।

(ଲାଲ ବିହାରୀ ହିମିରିକା)



**ଶ୍ରୀ ରମେଶ ଚନ୍ଦ୍ର ମାଝୀ**
ମାନ୍ୟବର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)
ସୂଚନା ପ୍ରଯୁକ୍ତି, ମତ୍ସ୍ୟ ଓ ପଶୁ ସମ୍ପଦବିକାଶ
ରାଷ୍ଟ୍ରମନ୍ତ୍ରୀ
ଅନୁସୂଚିତ ଜାତି ଓ ଅନୁସୂଚିତ ଜାତି ଉନ୍ନୟନ
(ଅନୁସୂଚିତ ଜନଜାତି ଉନ୍ନୟନ)
ଓଡିଶା

# ବାର୍ତ୍ତା

ଭାବଭୂମିର ଆନ୍ଦୋଳନରୁ ଜନ୍ମଦିଏ ପ୍ରକାଶ ପ୍ରବଣତା । ଏହି ପ୍ରବୃତ୍ତି ଜନପଦରେ ଯେପରି ସତ୍ୟ, ବନଭୂଇଁରେ ମଧ ସେହିପରି ସତ୍ୟ । ସେହି ସ୍ପନ୍ଦନର ସ୍ୱାଭାବିକ ପ୍ରକାଶ ପାଇଁ ଉତ୍ସାହ ଦରକାର; ପ୍ରେରଣା ଦରକାର । ଦୂରଦୂରାନ୍ତରେ ବନଭୂଇଁର ସ୍ୱାଭାବିକ ପରିବେଶରେ ବିକାଶୋନ୍ମୁଖ ପ୍ରାଣ ସ୍ୱପ୍ନଚାରଣର ପ୍ରତିଲିପି 'ସର୍‌ଗିଫୁଲ'ର ପୃଷ୍ଠାମଣ୍ଡନ କରିଛି । ପାଠ୍ୟକ୍ରମର ଅନ୍ତରାଳରେ ଛାତ୍ରଛାତ୍ରୀଙ୍କର ମାନସ ଭୂମିର ଏପରି ଉତ୍ତରଣ-ସେମାନଙ୍କର ଭବିଷ୍ୟତର ଏକ ବହୁବର୍ଣ୍ଣା ଇଲାକାକୁ ସୂଚନା ଦେଉଛି ।

'ସର୍‌ଗିଫୁଲ'ର ଛୋଟ ଛୋଟ ସ୍ତବକ ଓ ସେମାନଙ୍କର ବାସ୍ନାବିତରଣରେ ନିୟୋଜିତ କୁଶଳୀ କର୍ମୀମାନଙ୍କୁ ମୁଁ ସର୍ବାନ୍ତକରଣରେ ସାଧୁବାଦ ଜଣାଉଛି ।

(ରମେଶ ଚନ୍ଦ୍ର ମାଝୀ)




**ଶ୍ରୀ ସନ୍ତୋଷ ଷଡ଼ଙ୍ଗୀ**
କମିଶନର ତଥା ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଏବଂ
ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ,
ଓଡ଼ିଶା ସରକାର


# ବାର୍ତ୍ତା

ଜୀବନ ବଂଚିବାର ଆଧୁନିକ କୌଶଳଠାରୁ ବହୁ ଦୂରରେ, ନୈସର୍ଗିକ ଶୋଭା ସଂପଦର ସ୍ୱାଭାବିକ ଭାବ ଜଗତରେ ନିଜକୁ ଆବିଷ୍କାର କରିବାରେ ମୁକ୍ତପ୍ରାଣ କିଶୋର ମାନଙ୍କର ଏହି ପ୍ରୟାସକୁ ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ । ନିଜକୁ ସମୃଦ୍ଧ କରିବା, ନିଜର ଭାଷାକୁ ଆୟତ୍ତ କରିବା, ଭାଷାର ଯାଦୁକରୀ ସ୍ପର୍ଶରେ ଭାବକୁ ବାଂଧି ରଖିବାର ଯେଉଁ ପ୍ରୟାସ ଚପଳପ୍ରାଣ କିଶୋରଙ୍କୁ ପ୍ରଣୋଦିତ କରିଛି; ସେହି ନିଷ୍ଠା, ସେହି ଉତ୍ସର୍ଗ ଓ ଚେତନାର ରୂପାବତରଣ 'ସରଗିଫୁଲ'ର ପୃଷ୍ଠାମଣ୍ଡନ କରିଥିବାରୁ ମୁଁ ସେମାନଙ୍କୁ ଅଭିନନ୍ଦନ ଜଣାଉଛି । ଆଶା କରିବି, ଆଗାମୀ ଦିନରେ 'ସରଗିଫୁଲ୍' ମାଧ୍ୟମରେ ନିଜର ସୃଜନଶୀଳତାକୁ ପରିପ୍ରକାଶ କରିବାପାଇଁ ଆମ୍ଭର ଛାତ୍ରଛାତ୍ରୀମାନେ ପାଉଥିବା ସୁଯୋଗକୁ ଆହୁରି ଅଧିକ ଉପଯୋଗ କରିବେ ।

ଆଶା କରୁଛି - ଏହି ବିମୁକ୍ତ ସ୍ୱାଭାବିକତାର ପ୍ରକାଶରେ ବନବାସୀ ଛାତ୍ରଛାତ୍ରୀମାନଙ୍କର ଚୈତ୍ତିକ ବିକାଶ ସାଧିତ ହେବ।

(ସନ୍ତୋଷ ଷଡ଼ଙ୍ଗୀ)




**ବିଶ୍ୱର କୁମାର ନାୟକ**

ସଦସ୍ୟ ସଚିବ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ,

ଓଡିଶା


## ବାର୍ତ୍ତା

ସମୟ ଆସିଛି; ସରଗିଫୁଲ ଶୋଭାରେ ପୁଣି ବନପ୍ରାନ୍ତର ଭରିଉଠିଛି । ଏ ସରଗିଫୁଲ ନୂଆ ନୁହେଁ । ଏବେ କିନ୍ତୁ ନୂଆ ଭଳି ଲାଗୁଛି ।

ବହୁତ ଦିନପରେ ବନଭୂଇଁର କିଶୋର କିଶୋରୀମାନଙ୍କ ମନରେ ଓ ପ୍ରାଣରେ ନିଜକୁ ପ୍ରକାଶ କରିବାର ଉଦ୍ୟମକୁ ପରିପ୍ରକାଶ କରିବାକୁ ପ୍ରଚେଷ୍ଟା ମାତ୍ର କରାଯାଇଛି । ଏଥିପାଇଁ କମିଶନର ତଥା ଶାସନ ସଚିବଙ୍କ ପ୍ରେରଣା ତଥା ସମ୍ପାଦକଙ୍କର ଅବିରତ ଓ ସମୁଚିତ ଉଦ୍ୟମ ଯୋଗୁଁ ଫଳପ୍ରଦହୋଇଛି । ଆଶା କରୁଛି, ଏହିପରି ବୁଦ୍ଧିମନ୍ତ ସଂକଳନ ଚିର ପ୍ରକାଶିତ ହେବ ଏବଂ ସ୍ରଷ୍ଟାମାନଙ୍କର ପ୍ରୟାସ 'ସରଗିଫୁଲ'ର ପ୍ରତିପୃଷ୍ଠାରେ ଆତ୍ମ ପ୍ରକାଶ କରିବ ।

(ବିଶ୍ୱର କୁମାର ନାୟକ)

# ସଂପାଦକଙ୍କ କଲମରୁ....

‘ସରଗିଫୁଲ’, ସୁନ୍ଦରତା, ସଫଳତା ଓ ସତେଜତାର ପ୍ରତୀକ । ସାଧାରଣ ଫୁଲଠାରୁ ନିଆରା ସରଗିଫୁଲର ରୂପ ଈଶ୍ୱରଙ୍କ ଅନନ୍ୟ ସୃଜନଶୀଳତାର ପରିଚୟ ଦିଏ । ଆମେ ସାଧାରଣ ଫୁଲକୁ ଯେପରି ଦେଖିବାକୁ ପାଉ ଏ ଫୁଲ ସେପରି ନୁହେଁ । ତା’ର ସୁନ୍ଦରତା ନୂଆପଣରେ ଭରା । ‘ସରଗିଫୁଲ’ ଜନଜାତି ଜୀବନରେ ସଫଳତାର ପ୍ରତୀକ ଭାବେ ଗୃହୀତ, କାରଣ ଏ ଫୁଲର ପ୍ରାଚୁର୍ଯ୍ୟ ସହ ଜଙ୍ଗଲ ସଂସ୍କୃତିର ପ୍ରାଚୁର୍ଯ୍ୟ ଯୋଡ଼ା ହୋଇ ରହିଛି । ସରଗି ଗଛ ଯେତେବେଳେ ଫୁଲ ବିମଣ୍ଡିତ ହୁଏ ସେତେବେଳେ ତା’ର ପତ୍ର, ଶାଖା ଓ ଗଣ୍ଡିରେ ସତେଜତା ଭରିଯାଏ । ଅତଏବ ‘ସରଗିଫୁଲ’ ପତ୍ରିକାଟି ପ୍ରାକୃତିକ ସରଗିଫୁଲ ପରି ଯେ ସୃଜନଶୀଳତାରେ ତା’ର ନୂତନତା ପ୍ରକାଶ କରିବ ଏଥିରେ ସନ୍ଦେହ ନାହିଁ ।

ସାରା ଓଡ଼ିଶାରେ ଚାରିଆଡ଼େ ବାଣ୍ଟିହୋଇ ରହିଥିବା ଆଦିବାସୀ ସମ୍ପ୍ରଦାୟର ଆଶ୍ରମ ସ୍କୁଲ୍ ଓ ହାଇସ୍କୁଲର ଜନଜାତି ଛାତ୍ରଛାତ୍ରୀଙ୍କ ସୃଷ୍ଟିକୁ ନେଇ ଏ ପତ୍ରିକା ଆତ୍ମପ୍ରକାଶ କରୁଛି । ଏଥିରେ ମଧ୍ୟ ଶିକ୍ଷକମାନଙ୍କର ଲେଖା ସହିତ ଆବଶ୍ୟକସ୍ଥଳେ ଛାତ୍ରଛାତ୍ରୀଙ୍କର ଆନନ୍ଦ ଓ ଆଲୋକ - ଆବଶ୍ୟକତାକୁ ଆଖିରେ ରଖି ସମ୍ପାଦନା ବିଭାଗ ତରଫରୁ କେତେଗୋଟି ଲେଖା ସ୍ଥାନିତ ହୋଇଛି । ତେବେ ଆଗକୁ ପତ୍ରିକାଟି ଯେପରି ସର୍ବାଙ୍ଗ ସୁନ୍ଦର ହେବ ସେଥିପାଇଁ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଗପ, ଗୀତ, ପ୍ରବନ୍ଧ ଓ ଛବି ସହିତ ବିଭିନ୍ନ ଲଳିତ ନିବନ୍ଧ, ହସକଥା, ଜୀବଜଗତର କାହାଣୀ ଓ ବିଶେଷ କରି ନିଜ ଅଞ୍ଚଳରେ ପାଳିତ ହେଉଥିବା ଭିନ୍ନ ଭିନ୍ନ ପର୍ବପର୍ବାଣି, ଦର୍ଶନୀୟ ସ୍ଥାନ ଓ ଆଞ୍ଚଳିକ ଖେଳକୁଦସମ୍ପର୍କରେ ଲେଖାମାନ ପଠାଇବା ନିତାନ୍ତ ଭାବେ ଦରକାର । କିନ୍ତୁ ମନେ ରଖିବାକୁ ହେବ ଯେ ଲେଖାଗୁଡ଼ିକ ସମ୍ପୂର୍ଣ୍ଣ ନିଜସ୍ୱ ଓ ଶୁଦ୍ଧ ହେବା ଆବଶ୍ୟକ ।

ସାହିତ୍ୟ ; ବାସ୍ତବତା ଓ କଳ୍ପନାର ଏକ ଚମତ୍କାର ମିଶ୍ରଣ । ତା’ ଭିତରେ ଥିବା ସୁନ୍ଦର ଭାବ ଜୀବନକୁ ଆହୁରି ସୁନ୍ଦର କରିବାରେ ସାହାଯ୍ୟ କରେ । ‘ସରଗିଫୁଲ’ ପିଲାମାନଙ୍କର ସାହିତ୍ୟ ପତ୍ରିକା । ଆମର ଆଶା ଛାତ୍ରଛାତ୍ରୀଙ୍କର ଉଡୁରା ଜୀବନକୁ ସରସ କରିବାରେ ଏ ପତ୍ରିକାର ଭୂମିକା ନିଶ୍ଚୟ ରହିବ ।

**ଦାଶ ବେନହୁର**
ସଂପାଦକ



# ସୂଚୀପତ୍ର

**ବିଷୟ** **ପୃଷ୍ଠା**


| ବିଷୟ | ପୃଷ୍ଠା |
|---|---|
| ସଂପାଦକଙ୍କ କଲମରୁ.... | |
| ଦପ୍‌ଦପିଆ ଭୂତ | ୧ |
| ଜୀବନର ଲକ୍ଷ୍ୟ | ୨ |
| ସରଗିଫୁଲର ସ୍ୱପ୍ନ | ୩ |
| ପ୍ରତିଶୋଧ | ୪ |
| ବଇଶାଖ ଖରା | ୫ |
| ସର୍ଗଫୁଲ | ୬ |
| ଗାନ୍ଧୀ ମହାତ୍ମାଙ୍କ ଅସଲ ଗୁରୁ | ୭ |
| ପୁଅ | ୯ |
| ଭବିଷ୍ୟତ | ୧୦ |
| ରଖିଛି ଦେଶ ନାଁ | ୧୧ |
| ନିତିଦିନିଆ ଜୀବନ | ୧୩ |
| କୋରାପୁଟ | ୧୪ |
| ଗାଁ ଆଉ ହସୁନି | ୧୫ |
| ଆମ ଓଡ଼ିଆ ଭାଷା | ୧୬ |
| ଭିନ୍ନକ୍ଷମ | ୧୭ |
| ମାଧିଆ ନନା | ୧୮ |
| ଆମ ବିଦ୍ୟାଳୟ | ୧୯ |
| ମଣିଷ ହୁଅ | ୨୧ |
| ଏଇତ ଜୀବନ | ୨୨ |
| ଆମ କେନ୍ଦୁଝର | ୨୩ |
| ବର୍ଜ୍ୟବସ୍ତୁର ପରିଚାଳନା | ୨୪ |
| ଅଁଳା | ୨୫ |
| ବଣ ରାଇଜରେ ପାଠପଢ଼ା | ୨୭ |
| ଶିକ୍ଷା | ୨୮ |

# ସୂଚୀପତ୍ର

**ବିଷୟ** **ପୃଷ୍ଠା**


| ବିଷୟ | ପୃଷ୍ଠା |
|---|---|
| ଆଜିର କାମ ଆଜି ସାରିବା | ୨୯ |
| ଗଧ | ୩୦ |
| ଟସର | ୩୩ |
| ଲୋଭର ଫଳ | ୩୪ |
| ବାପର ବାପ | ୩୬ |
| ହାତୀ ଛୁଆର ଗପ | ୩୮ |
| ଆଙ୍ଗୁଠି ଫୁଟାଇଲେ ଶବ୍ଦ ହୁଏ | ୪୦ |
| ଶିକ୍ଷିତା ନାରୀ | ୪୧ |
| ସ୍ୱାସ୍ଥ୍ୟ ହିଁ ସମ୍ପଦ | ୪୩ |
| ଦେଲି ଯେବେ ପଗ୍ୱରି, କହ ଏବେ ବିଗ୍ୱରି | ୪୫ |
| ଦଶମ ଫେଲ୍ ଭାଲୁ | ୪୬ |
| କୁତୁକୁତୁ କଥା | ୪୭ |
| ବଳ ତ ବଳ ବୁଦ୍ଧି ବଳ | ୫୦ |
| ଆଗଗଛ ଆଉସବୁ ପଛ | ୫୨ |
| ଦାନ୍ତ ଓ ଆଖିର ଯତ୍ନ | ୫୩ |
| ଡାମରା କାଉ | ୬୦ |
| ରଘୁନାଥ ମୁର୍ମୁଙ୍କ ପାଇଁ ପଦେ | ୬୦ |
| ଆଦିବାସୀଙ୍କ ଦୁଃଖ ଘୁଞ୍ଚିଲା | ୬୧ |
| ନାଲି ମନ୍ଦାର | ୬୨ |
| ଶିମିଳିପାଳ | ୬୩ |
| ମାଆ | ୬୪ |
| ବିଦ୍ୟା | ୬୫ |
| ଇଚ୍ଛା ଥିଲେ ଉପାୟ ଅଛି | ୬୬ |
| ସୂଚନା | ୬୮ |

# ଦପ୍‌ଦପିଆ ଭୂତ

ନିପଟ ମଫସଲରେ ବାସୁଆ ରାଉତର ଘର । ଘର ସାମ୍ନାରେ ଦୋକାନଟିଏ ଦେଇଥାଏ । ସଂଜହେଲେ ଲଣ୍ଠନଟିଏ ଜାଳି ଜିନିଷ ପତ୍ର ଦେବାନେବା କରେ । ହଠାତ୍ ଦିନେ ତରବରରେ ଦୋକାନ ବନ୍ଦ କରି ଦଣ୍ଡ ନୃତ୍ୟ ଦେଖିବାକୁ ପଡ଼ିଶା ଗାଁକୁ ଚାଲିଗଲା । ଲଣ୍ଠନଟିଏ ସେମିତି ଜଳୁଥାଏ । ଲିଭାଇବାକୁ ମନେ ନାହିଁ ।

ଠିକ୍ ରାତି ୧୦ଟା ବେଳେ ପିଲାଏ ସେହି ଦୋକାନ ଦେଇ ଘରକୁ ବାହାରିଲେ । ହଠାତ୍ ଜଣେ ପିଲା କହି ଉଠିଲା - ଏଇ ଦେଖରେ ବାସୁଆ ଦାଦା ଦୋକାନରେ ଭୂତଟିଏ ପଶିଛି । ଆଖି ଦପ୍‌ଦପ୍ କରି ଅନାଉଛି । କବାଟ ଫାଙ୍କରେ ସତକୁ ସତ ଦପ୍‌ଦପ୍ ଦେଖାଯାଉଥାଏ । ପିଲାଏ ଦେଖିବେ କ'ଣ ? ଛାନିଆ ହୋଇ ଗୋଟିଏ ଗୋଟିଏ କୁଦା ମାରି ନିଜନିଜ ଘରକୁ ଛୁ କଲେ । ଘରେ ଯାଇ ଭୂତକଥା କହିଲେ ।

ପିଲାଏ ନିଜ ନିଜ ଘରେ ଯାଇ ଶୋଇଲେ ସିନା ହେଲେ କାହା ଆଖିକୁ ନିଦନାହିଁ । ଖାଲି ଭୂତକଥା ମନେ ପଡ଼ି ଯାଉଥାଏ । ଆଉ ସକାଳ ହେବାକୁ ଅଳ୍ପ ସମୟ ବାକି ଥାଏ । ସେହି ସମୟରେ ବାସୁଆ ରାଉତ ଦଣ୍ଡନାଚର ଗୀତଟିଏ ଗାଇ ଘରକୁ ଫେରିଲା । ତା'ଗୀତ ଶୁଣି ପିଲାଏ କି ଆଉ ସମ୍ଭାଳି ପାରନ୍ତି ? ଅନ୍ୟମାନଙ୍କୁ ଉଠାଇ ବାହାରିଲେ ବାସୁଆ ଦାଦା ଘରକୁ । ପିଲାଏ ବଡ଼ ସାହସର ସହିତ ବାସୁଆ ଦାଦାକୁ ସବୁକଥା ଖୋଲି କହିଲେ । ସେତେବେଳେ ରାତି ପାହି ଆସିଲାଣି । ପିଲାଙ୍କ କଥା ଶୁଣି ବାସୁଆ ରାଉତର ଦଣ୍ଡନାଚ ଦେଖା କୁଆଡ଼େ ପାଶୋର ହୋଇଗଲା । ଓଲଟି ତା'ଭିତରେ ଗୋଟେ ସେ ପ୍ରକାରର ଭୟ ପଶିଗଲା ଭୂତ କଥା ଭାବି । ଭୂତ ପଶିଛି ? ପୁଣି ଦୋକାନ ଘରେ ? ତେଣୁ ଆଉ କାଳବିଳମ୍ବ ନ କରି ସଦଳବଳେ ଦୋକାନ ଅଭିମୁଖେ ବାହାରିଲେ । ଦୋକାନଘର ଯେତେ ପାଖେଇ ଆସୁଥାଏ ବାସୁଆର ସେତିକି ଅକଲ୍ ଗୁଡୁମ୍ ହୋଇଯାଉଥାଏ । ଭାବୁଥାଏ ଭୂତ ଦୋକାନରେ ପଶି ସବୁ ଅନିଷ୍ଟ କରି ଦେଇଥିବ । ସେ ତା' ଆଈଠାରୁ ମଧ୍ୟ ଭୂତଙ୍କ କରାମତି ଶୁଣିଛି । କେମିତି ଭୂତ ସର୍ବନାଶ କରେ । ହାତରେ ବଡ଼ଠେଙ୍ଗା ଓ ଟର୍ଚ୍ଚ ଧରି ସମସ୍ତେ ବଡ଼ ସାହସର ସହିତ ଦୋକାନ ସାମ୍ନାରେ ଠିଆ ହୋଇଗଲେ । ବାସୁଆ ଚାବିରେ ତାଲାକୁ ଖୋଲିଦେଲା । ଦେଖିଲା କାହିଁ ତ କିଛି ନାହିଁ । ଲଣ୍ଠନଟିଏ ମିଟି ମିଟି ହୋଇ ଜଳୁଛି ।



ସେ ନିଜେ ଠୋ ଠୋ ହୋଇ ହସି ଉଠିଲା । ସମସ୍ତେ ଅବାକ୍ ହୋଇ ଅନାଇ ଥାଆନ୍ତି । କହିଲା ହଇରେ ପିଲା କାଳି ମୁଁ ଦଣ୍ଡନାଚ ଦେଖି ଗଲାବେଳେ ତରବର ହୋଇ ଲଣ୍ଠନଟି ଲିଭାଇ ନଥିଲି । ତେଣୁ ଲଣ୍ଠନଟି ଦପ୍‌ଦପ୍ ହୋଇ ଜଳୁଥିଲା । ସବୁପିଲା ଭୂତ କଥା କହି ଠୋ ଠୋ ହୋଇ ହସି ଉଠିଲେ । କହିଲେ ହଇରେ ଲଣ୍ଠନ ତୁ ଭୂତ ହୋଇ ଆମକୁ ରାତିଯାକ ଶୁଆଇ ଦେଇନୁ ?

ପିଲାଏ ଜାଣିଲେ ଭୂତ ନୁହେଁ, ଲଣ୍ଠନଟିଏ । ତେଣୁ ହସି ହସି ଘରକୁ ଫେରିଲେ ।

**ରିମଲତା ନାୟକ**
ଦଶମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
କୁସୁମିତା, କେନ୍ଦୁଝର

## ଜୀବନର ଲକ୍ଷ୍ୟ

ଏ ଜୀବନ ଜୀବନ ନୁହେଁ, ଲକ୍ଷ୍ୟ ଯଦି ନାହିଁ,
ଲକ୍ଷ୍ୟ ଆମର ରହିବ ସଦା, ସତ୍ୟର ସେବା ପାଇଁ ।

ଏ ଜୀବନ ଜୀବନ ନୁହେଁ, ଲକ୍ଷ୍ୟ ଯଦି ନାହିଁ,
ଅନ୍ୟର ଦୋଷ ଦେଖିବା ପାଇଁ, ସମୟ ଦେବା ନାହିଁ ।

ନିଜ ସ୍ୱଭାବ କରିବାକୁ ଭଲ, ଚେଷ୍ଟାରେ ଥିବା ରହି,
ପ୍ରାର୍ଥନା ସଦା ରହିବ ଆମ ଯୋଗ୍ୟ ହେବା ପାଇଁ ।



**ରମଣ ଖୋମ୍ଲା**
ସରକାରୀ ଉଚ୍ଚ ବିଦ୍ୟାଳୟ, ବୁର୍ଜା, କୋରାପୁଟ

# ସରଗିଫୁଲର ସ୍ୱପ୍ନ

ସରଗିଫୁଲ ଲୋ ସରଗିଫୁଲ,
ନାମ, ରୂପ ତୋ'ର ଅମୂଲମୂଲ,
ଗହନ କାନନେ ବସନ୍ତେ ଫୁଟୁ,
ପତର ଗହଳେ ମହକି ଉଠୁ ।

ବୃନ୍ତେ, ଶୋଇ କେତେ ଦେଖୁ ସପନ,
'ମୁଣ୍ଡାରୀ' 'ପରଜା' ଆଦିଙ୍କ ଧନ,
ପୂଜା ହେଉ କେତେ ବାହା ପରବେ,
"ମାରଂ ବୁରୁ"ଙ୍କ ସମ୍ମାନ ଭାବେ ।

ପରିବେଶ ଆମ କରୁ ବିଶୁଦ୍ଧ,
ମୁଣ୍ଡେ ଖୋସି ଆମେ କରୁ ଆମୋଦ,
"ସାହିତ୍ୟ ପତ୍ରିକା" ରୂପରେ ଉଭା,
ଆମରି ଲେଖାରେ ଭରା ତୋ ଶୋଭା ।

ସାରା ରାଇଜକୁ ଏକାଠି ଧରି,
କେନ୍ଦୁଝର ଠାରୁ ମାଲ୍‌କାନ୍‌ଗିରି,
'ଜୁଆଙ୍ଗ' 'କନ୍ଧ' ଓ 'ସାନ୍ତାଳ' ଜାତି,
ତୋ' ମହକେ ପରା ଉଠନ୍ତି ମାତି ।

ପତ୍ରିକା ରୂପରେ ବାରତା ଆଣି,
ସାଜିଅଛୁ ଜନଜାତି କଲ୍ୟାଣୀ,
ବିଜ୍ଞାନ, ଗଣିତ, ଚିତ୍ରକରଣ,
ନୃତ୍ୟ, ଗୀତ, ସାଥେ ମନୋରଞ୍ଜନ ।

**ସତ୍ୟଭାମା ଦେହୁରୀ**
ଦଶମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ଜୁଆକାଟା, କେନ୍ଦୁଝର



# ପ୍ରତିଶୋଧ

ବହୁ ଦିନ ତଳର କଥା । ଯୋଧପୁରନଗରୀରେ ବିକ୍ରମ କେଶରୀ ନାମକ ଜଣେ ରାଜା ରାଜୁତି କରୁଥିଲେ । ତାଙ୍କ ଶାସନକାଳରେ ମୃତ୍ୟୁଞ୍ଜୟ ନାମକ ଜଣେ ମହାପୁରୁଷ ତାଙ୍କ ପରିବାର ସହିତ ବାସ କରୁଥିଲେ । ସେ ସବୁବେଳେ ଦେଶ ତଥା ମନୁଷ୍ୟ ଜାତିର ହିତ ଉଦ୍ଦେଶ୍ୟରେ ଚିନ୍ତା କରୁଥିଲେ । ରଘୁ ନାମକ ଜଣେ ଚୋର ସେଠାକାର ଲୋକମାନଙ୍କୁ ହଇରାଣ କରୁଥାଏ । ରଘୁ ଚୋର ସବୁବେଳେ ଚୋରୀ କରି ନିଜର ପରିବାର ପ୍ରତି ପୋଷଣ କରୁଥାଏ । ବେଳେ ବେଳେ ଚୋରି କରି ଦଣ୍ଡ ପାଏ । ବାରମ୍ବାର ଦଣ୍ଡପାଇବା ସତ୍ତ୍ୱେ ରଘୁର କାର୍ଯ୍ୟକଳାପରେ କୌଣସି ପରବର୍ତ୍ତନ ଘଟିଲା ନାହିଁ । ଦିନେ ରଘୁ ସେହି ମହାପୁରୁଷଙ୍କ ଘରେ ଚୋରି କରିବା ପାଇଁ ମନସ୍ଥ କଲା । ଦିନେ ରାତିରେ ସେ ସାଧୁବାବାଙ୍କ ଘରେ ପଶିଲା । ଏକଥା ସାଧୁବାବା ଆଗରୁ ଜାଣିଥିଲେ ମଧ୍ୟ କିଛି କରିନଥିଲେ । ଚୋର ସାଧୁବାବାଙ୍କୁ ଛୁରୀ ଦେଖାଇ କିଛି ଜିନିଷ ଚୋରୀ କରିଥାଏ । ଠିକ୍ ସେଇ ସମୟରେ ରାଜାଙ୍କର ସୈନିକମାନେ ଚୋରକୁ ଖୋଜି ସାଧୁଙ୍କ ଘରେ ପହଞ୍ଚିଲେ । ଚୋର ସାଙ୍ଗେ ସାଙ୍ଗେ ଲୁଚି ଗଲା । ସାଧୁବାବା ତାଙ୍କ ଘରେ ଚୋର ଥିବାର ଜାଣି ମଧ୍ୟ ରାଜାଙ୍କର ଲୋକମାନଙ୍କୁ କିଛି କହିଲେ ନାହିଁ । ଚୋର ଲୁଚି ସମସ୍ତ କଥା ଶୁଣିଥାଏ । ସାଧୁଙ୍କର ଉଦାର ମନୋଭାବ ଦେଖି ଚୋରର ମନ ବଦଳିଗଲା । ସେହି ସମୟରୁ ସେ ନିଜର କୃତକର୍ମ ପାଇଁ ଅନୁତାପ କଲା । ଶେଷରେ ସାଧୁଙ୍କ ନିକଟରେ କ୍ଷମା ମାଗିଲା ଏବଂ ନିଜ ଜୀବନକୁ ଠିକ୍ ମାର୍ଗରେ ପରିଚାଳିତ କଲା ।

"କର୍ମ ହିଁ ସର୍ବଶ୍ରେଷ୍ଠ ପ୍ରତିଶୋଧ"

**ଜ୍ୟୋସ୍ନା ରଉତ**
ଦଶମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
କେ.ସି. ପୁର, ଗଜପତି

"କାତରତା ସିନା କାପୁରୁଷ ପଣ,
ବୀର ମାରେ ଅବା ମରେ କରି ରଣ,
ପଛଘୁଞ୍ଚା ନାହିଁ ବୀରର ଜାତକେ,
ନ ମରେ ସେ କେଉଁ ପରାଣ ଆତଙ୍କେ ।"

(ବନ୍ଦୀର ଆତ୍ମକଥା)
**ଉତ୍କଳମଣି ଗୋପବନ୍ଧୁ ଦାସ**

# ବଇଶାଖ ଖରା

ଫୁଟିଗଲା ମଲ୍ଲୀ ଛୁଟିଗଲା ବାସ
ଝରିଗଲା ନିମଫୁଲ,
ବଇଶାଖ ଖରା ତତେଇଲା ଧରା
ସତେ ଅବା ନିଆଁ ଝୁଲ !
ବଣ-ବିଲ-ତୋଟା ହେଲା ରଙ୍ଗହୀନ
ଚଇତ ଚମକ ଗଲା,
ଦକ୍ଷିଣା ପବନ ଝାଞ୍ଜି ରୂପ ନେଇ
ବଡ଼ ହନ୍ତସନ୍ତ କଲା ।
କି ଦିନ କି ରାତି ଗମ୍ ଗମ୍ ହୋଇ
ଦିହରୁ ଗଡ଼ିଲା ଝାଳ,
ଖଣ୍ଡିଆ ଭୂତଟା ମଉଜେ ନାଚିଲା
ଉଡ଼େଇ ଛପର ଚାଳ ।

ଦୁନିଆ ଯାକର ସବୁ ଜୀବ ଜନ୍ତୁ
ଝୁରି ହେଲେ ପାଣି ପାଇଁ,
ବାଟେ ଯାଉ ଯାଉ ବାଟୋଇ ବିଚରା
ଲୋଡ଼ିଲା ଗଛର ଛାଇ ।
ପଖାଳ ଭାତର ବଢ଼ିଲା ଆଦର
ଦୂରେଇ ରହିଲା ଚାହା,
ସୁଲୁସୁଲୁ ନଈକୂଳିଆ ପବନ
ମନେ ପଡ଼ିଗଲା ଆହା ।
ମାଳି ଭାଇ ଫୁଲ ବଗିଚାକୁ ଚାହିଁ
ମନେ ମନେ ଦୁଃଖୀ ହେଲା,
କୁମ୍ଭାର ଭାଇର ଖୁସି ଦେଖେ କିଏ
ଖରା କୁ ସାବାସି ଦେଲା ।

**ମଦନ କିର୍ଷାନି**
ଅଷ୍ଟମ ଶ୍ରେଣୀ,
ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ପୁଙ୍ଗାର, କୋରାପୁଟ




# ସରଗିଫୁଲ

ସରଗିଫୁଲରେ ସରଗିଫୁଲ,
ତୁ' ଆମପାଇଁ ଅମୂଲ ମୂଲ,
ଆମର ପାଇଁରେ ନୂତନ ରାହା,
ଗପ ଗୀତ ଛାପି ହୋଇଛୁ ସାହା ।

ଅନ୍ଧାରୀ ମୂଲକେ ବାସ ଆମର,
ତୁ' ଆମ ପାଇଁ ଜ୍ଞାନ ନିର୍ଝର,
ଆମ ପରି କେତେ କୁନି ପ୍ରତିଭା,
ବଢ଼ାନ୍ତି ତୋହର ଅସୀମ ଶୋଭା ।

ପ୍ରଭୁ ପାଖେ ଆମ ଅଳି ତୋ ପାଇଁ,
ଚିରଞ୍ଜୀବୀ ହୁଅ ମହିମାମୟୀ,
ବିଭାଗ ଆମର କଲ୍ୟାଣମୟ,
ସଦା ହୋଇଥାଉ ତୋର ଆଶ୍ରୟ ।

**କୁଆଁର ମାଝୀ**
ସରକାରୀ ଉଚ୍ଚ ବିଦ୍ୟାଳୟ,
ନରଣପୁର, କେନ୍ଦୁଝର





# ଗାନ୍ଧୀ ମହାତ୍ମାଙ୍କ ଅସଲ ଗୁରୁ

କଥାରେ ଅଛି ଗୁରୁ ନଥିଲେ ବିଦ୍ୟାଶିକ୍ଷା ଅସମ୍ଭବ । ସେଇଥିପାଇଁ ନିଜଠାରୁ ଅଧିକ ଜାଣିଥିବା ବ୍ୟକ୍ତିଙ୍କୁ ଗୁରୁ କରାଯାଏ । ପିଲାମାନଙ୍କଠାରୁ ଶିକ୍ଷକମାନେ ଅଧିକ ଜ୍ଞାନୀ ବୋଲି ସେମାନେ ଗୁରୁ ହୋଇଥାନ୍ତି । ଆମ ସମାଜରେ ସାଧାରଣ ଲୋକେ ସେଇଥିପାଇଁ ଅଧିକ ଜାଣିଥିବା ଗୁଣୀ ଜ୍ଞାନୀ ସାଧୁମାନଙ୍କୁ ଗୁରୁ କରନ୍ତି ।

ମହାତ୍ମାଗାନ୍ଧୀ ଆମ ଭାରତର ଜଣେ ଅତି ଜଣାଶୁଣା ମହାମାନବ । ପାଠ ପଢୁଥିବାବେଳେ ତାଙ୍କର ଶିକ୍ଷକମାନେ ଯେ ତାଙ୍କୁ ଶିକ୍ଷା ଦେଇ ନଥିଲେ ସେ କଥା ନୁହେଁ, କିନ୍ତୁ ପର ଜୀବନରେ ଆଉ କେଉଁ ମଣିଷଙ୍କୁ ସେ ଗୁରୁ କରିଥିବାର ଜଣାନାହିଁ । ଅବଶ୍ୟ ଗୋପାଳକୃଷ୍ଣ ଗୋଖ୍‌ଲେଙ୍କୁ ସେ ତାଙ୍କର ରାଜନୈତିକ ପଥପ୍ରଦର୍ଶକ ଭାବରେ ଗ୍ରହଣ କରିଥିଲେ । ସବୁଠାରୁ ବଡ଼ କଥା ହେଲା ସେ ଅନ୍ୟ କାହାଠାରେ କିଛି ଭଲଗୁଣ ଦେଖିଲେ ତା'ର ପ୍ରଶଂସା କରୁଥିଲେ ଓ ତାଙ୍କୁ ଗୁରୁ ଭଳି ସମ୍ମାନ କରୁଥିଲେ ।

ଅନେକ ଦିନ ତଳର କଥା । ଥରେ ଚୀନ୍ ଦେଶରୁ ଜଣେ ଭଦ୍ରବ୍ୟକ୍ତି ଆସିଥିଲେ ଗାନ୍ଧିଜୀଙ୍କୁ ସାକ୍ଷାତ କରିବା ପାଇଁ । କ'ଣ ଉପହାର ଦେବେ ବୋଲି ବହୁତ ଭାବି ଭାବି ସେ ସାଙ୍ଗରେ ଆଣି ଆସିଥିଲେ ଚୀନା ମାଟିର ଗୋଟିଏ ଖେଳଣା । କଥାବାର୍ତ୍ତା କରି ଯିବାବେଳେ ସେଇ ଖେଳଣାଟିକୁ ସେ ଗାନ୍ଧିଜୀଙ୍କୁ ଉପହାର ଦେଇଥିଲେ ।

ଖେଳଣାଟି ଥିଲା ଚୀନାମାଟିରେ ଗଢ଼ା ତିନୋଟି ମାଙ୍କଡ଼ର ଏକାଠି ବସିଥିବା ମୂର୍ତ୍ତି । ସେଥିରେ ତିନୋଟିଯାକ ମାଙ୍କଡ଼ ସାମ୍ନାକୁ ମୁହଁ କରି ବସିଥିଲେ । ଗୋଟିଏ ମାଙ୍କଡ଼ ଆଖି ବନ୍ଦ କରି ବସିଥିଲା, ଦ୍ୱିତୀୟଟି କାନ ବନ୍ଦ କରି ବସିଥିଲା ଓ ତୃତୀୟଟି ବସିଥିଲା ପାଟି ବନ୍ଦ କରି ।

ଗାନ୍ଧିଜୀ ଦେଶ ସାରା ବହୁତ ଆଡ଼େ ବୁଲୁଥିଲେ । ବିଦେଶ ମଧ୍ୟ ଯିବାକୁ ପଡୁଥିଲା କେବେ କେମିତି । ହେଲେ ଯେଉଁଆଡ଼େ ଗଲେ ବି ସେ ଏଇ ତିନିମାଙ୍କଡ଼ କଣ୍ଢେଇଟିକୁ ନିଜ ସାମ୍ନାରେ

ରଖୁଥିଲେ । ଅନ୍ୟ ଅର୍ଥରେ କହିଲେ, ଏଇ ତିନିମାଙ୍କଡ଼ଙ୍କୁ ସେ ନିଜର ଗୁରୁ ଭଳି ମାନୁଥିଲେ ।

ଏହି ତିନୋଟି ମାଙ୍କଡ଼ ମୂର୍ତ୍ତିଙ୍କୁ ଦେଖାଇ ସେ କହୁଥିଲେ, "ଏଇ ମାଙ୍କଡ଼ ତିନୋଟି ମୋର ଗୁରୁ । ମୁଁ ସେମାନଙ୍କଠାରୁ ଅମୂଲ୍ୟ ଶିକ୍ଷା ପାଇଛି । ଆଖି ବନ୍ଦ କରିଥିବା ମାଙ୍କଡ଼ ମତେ ଶିକ୍ଷା ଦେଇଛି ଯେ ଅନ୍ୟର ଖରାପ କାମ ଦେଖ ନାହିଁ । କେବଳ ତା'ର ଭଲ କଥାକୁ ଦେଖି ଭଲ ମନରେ ତାକୁ ଗ୍ରହଣ କର । ତେଣୁ ଅନ୍ୟର ଖରାପ କଥା ଦେଖିବାକୁ ମନ କର ନାହିଁ ।''

ସେମିତି କାନ ବନ୍ଦ କରିଥିବା ମାଙ୍କଡ଼ ଶିକ୍ଷା ଦେଇଛି ଯେ "କାହାରି ନିନ୍ଦା ଶୁଣ ନାହିଁ । ସବୁବେଳେ ଭଲ କଥା ଶୁଣ । ପ୍ରତ୍ୟେକଙ୍କ ଭିତରେ କିଛି ନା କିଛି ଭଲ କଥା ଅଛି । ସେଇ କଥା ହିଁ ଶୁଣ । ମନ୍ଦ କଥା ଶୁଣିବା ପାଇଁ ମନ କର ନାହିଁ ।"

ଯେଉଁ ମାଙ୍କଡ଼ଟି ପାଟି ବନ୍ଦ କରିଛି ତା'ଠାରୁ ଆହୁରି ମୂଲ୍ୟବାନ୍ ଶିକ୍ଷା ମିଳିଛି । "ମୋଟେ ଖରାପ କଥା ତୁଣ୍ଡରେ ଧର ନାହିଁ । ସବୁବେଳେ ସତ ଓ ମଧୁର କଥା କୁହ । ଦରକାର ନ ପଡ଼ିଲେ ଅଯଥା କଥା ନ କହି ଚୁପ୍ ରହିବା ଭଲ । ତେଣୁ କହିବା ବେଳେ ବୁଝି ବିଚାରି ଭଲ କଥା ହିଁ କହିବ ।"

ଛାତ୍ର ହିସାବରେ ଗାନ୍ଧିଜୀ ସେମିତି କିଛି ନାମକରା ଛାତ୍ର ନ ଥିଲେ । ହେଲେ ନିଜର ସତ୍ୟନିଷ୍ଠା ଓ ଉଚିତ୍ ଆଚରଣ ଯୋଗୁଁ ସେ ଆଜି ନ ଥାଇ ମଧ୍ୟ ସାରା ପୃଥିବୀରେ ଅମର ହୋଇ ରହିଛନ୍ତି ।

(ସମ୍ପାଦନା ବିଭାଗ)





# ପୁଅ

ମା' ଜନ୍ମକରେ ପୁଅଟିକୁ ଯେବେ,
ମନରେ ସରଧା କେତେ,
ବଡ ହୋଇ ସିଏ ମଣିଷ ହୋଇବ
ଯଶ ଅରଜିବ ସତେ ।
ପୁଅ ପାଇଁ ସିଏ ଦୁଃଖ ସବୁ ଯେତେ
ମଥା ପାତି ସହିଯାଏ,
ତା ସୁଖକୁ ସଦା କାମନା କରି ସେ
କେତେ ଆଶା ଭାବିଥାଏ ।
କୁନି ପୁଅ ଯେବେ ମଣିଷ ହୁଅଇ
ମାଟିରେ ନ ଲାଗେ ପାଦ,
ମା ମନ ଉଡ଼େ ଗଗନେ ପବନେ
ଝରିପଡ଼େ ଆଶୀର୍ବାଦ ।

**ଲକ୍ଷ୍ମୀ କାରଲିଆ**
ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ
ପୁଙ୍ଗାର, କୋରାପୁଟ

# ଭବିଷ୍ୟତ

ଝିପି ଝିପି ବର୍ଷା ପଡୁଥାଏ । କାର୍ମି ଓ ଉର୍ମି ନୂଆ ସ୍କୁଲକୁ ଆସିଥାଆନ୍ତି । ଜଙ୍ଗଲ ରାସ୍ତାରେ ଚ୍ଛଲି ଚ୍ଛଲି ଆସି ଦୁହେଁ ହାଲିଆ ହୋଇ ପଡ଼ିଥାନ୍ତି । କାନ୍ଦ ଲାଗୁଥାଏ । ପୁଣି ଖୁସି ମଧ ଲାଗୁଥାଏ । ସ୍କୁଲର ଛାତ ଘର ବିଜୁଳି ଆଲୁଅ, ଫୋନ୍ ଦେଖି ଦୁଇ ବାନ୍ଧବୀ କାବା ।

ପଢ଼ା ଆରମ୍ଭ ହେଲା । ପିରିୟଡ଼ ପରେ ପିରିୟଡ଼ ନିଦଲାଗୁଥାଏ । ଢୁଳାଇ ଢୁଳାଇ କାର୍ମି ଉର୍ମିକୁ କହିଲା ଭଉଣୀ ଚ୍ଛଲ ଘରକୁ ଚ୍ଛଲିଯିବା । ଛତୁ ଗୋଟାଇବା । କୁସୁମ କୋଳି ଖାଇବା । ଏଠି ପଢ଼ି କ'ଣ ଲାଭ ?

ସେଦିନ କାର୍ମି ବିଦ୍ୟାଳୟ ପାଚେରୀ ଡେଇଁ ଘରକୁ ପଳାଇଲା । ଦିଦି, ସାରଙ୍କ କଥା ଶୁଣିଲା ନାହିଁ । ବଣ ମୁଲକ ତାକୁ ଭଲ ଲାଗେ । ସେ ବଣର ମୟୂରୀ ।

ଉର୍ମି କିନ୍ତୁ ସଫା ସୁତୁରା କୁର୍ତ୍ତା ପିନ୍ଧା ଆଦିବାସୀ ଝିଅଙ୍କ ସଙ୍ଗେ ମିଶି ଏକାଠି ରହିଲା । ବହୁତ କଷ୍ଟ କରି ପାଠ ମୁଖସ୍ଥ କଲା ଓ ଶ୍ରେଣୀ ପରେ ଶ୍ରେଣୀ ପାସ୍ କଲା ।

କିଛି ବର୍ଷ ପରେ ଦିନେ ଉର୍ମି ସାଇକେଲରେ ଯାଉଥାଏ ହଠାତ୍ କାହାର ଡାକ ଶୁଣି ଠିଆ ହେଲା । କାର୍ମି ଦଉଡ଼ି ଆସି ଉର୍ମିକୁ କୁଣ୍ଢାଇ ଧରିଲା । ନୁଖୁରା ବାଳ, ମଇଳା ଶାଢ଼ି । ରାସ୍ତା କଡ଼ରେ କାର୍ମି ହାଣ୍ଡିଆ ବିକେ ଓ ଘର ଚଳାଏ । ଉର୍ମିର ମନ ଦୁଃଖ ହେଲା । କହିଲା, ପାଠ ଛାଡ଼ି କ'ଣ ଭଲ କଲୁ ? ଆପଣା ଭବିଷ୍ୟତରେ କୁରାଢ଼ି ମାରିଲୁ । କାର୍ମି ଆଖିରେ ଲୁହ ଭରିଗଲା । ସମୟ କିନ୍ତୁ ହାତରୁ ଖସି ଯାଇଥିଲା ।

**ଆଲବତୀ ହାଁସଦା**
୭ମ ଶ୍ରେଣୀ, କୁଦିଡିହି, ମୟୂରଭଞ୍ଜ



# ରଖୁଛି ଦେଶ ନାଁ



ମାଆଟି ତା'ର ଯାଇଛି ମରି
ଭାଇ ଯାଇଛି ହଜି,
ବାପା ଯାଇଛି ଦୂର ବିଦେଶେ
କାମ ପାଇଁଟି ଖୋଜି।

ଅଛି ତାହାର ଭଉଣୀ ଏକ
ଅନ୍ଧୁଣୀ ଆଉ ଛୋଟି,
ଅଣ୍ଡାଳି କରେ ଘର ପାଇଁଟି
ବୁଣଇ ବେତ ତାଟି।

ଚଳାଇ ନିଏ ଘର ଖରଚ
ମିଳଇ ଯାହା ଧନ,
ପଢ଼ାଇବାକୁ ସାନ ଭାଇକୁ
ଖଟଇ ରାତିଦିନ।

ଭାଇର ନାଁ ପଢ଼ାରେ ମନ
କୁଆଡ଼େ ଯାଏ ନିତି,
ଭଉଣୀ କାନ୍ଦେ ପ୍ରାଣ ବିକଳେ
ବାଡ଼େଇ ନିଜ ଛାତି।

ହୁରି ପଡ଼ିଲା, ସଭିଏଁ ଦିନେ
ଚାହିଁଲେ କରି ଆଁ,
ସେହି ପିଲାଟି ଜୁଡ଼ୋ କରାଟେ
ରଖୁଛି ଦେଶ ନାଁ।



**ସସ୍ମିତା ମେଲେକା**
ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ,
ନୀଳାବାଡ଼ି, କୋରାପୁଟ



ସୌମ୍ୟ ରାଜ ନାଏକ
ଅଷ୍ଟମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ନରଣପୁର, କେନ୍ଦୁଝର

# ମୋ ନିତିଦିନିଆ ଜୀବନ

ମୁଁ ଜଣେ ଛାତ୍ରୀ । ମୁଁ ଦୋଘରିଆ ଆଶ୍ରମ ସ୍କୁଲରେ ପଢ଼େ । ମୁଁ ମୋର ପ୍ରତ୍ୟେକ ଦିନର କାର୍ଯ୍ୟକୁ ଠିକ୍ ସମୟରେ କରେ । ତେଣୁ ମୋତେ ଶିକ୍ଷକ ଓ ଦିଦିମାନେ ବେଶ୍ ଆଦର କରନ୍ତି । ସକାଳେ କାଉ କା' କହିବା ପୂର୍ବରୁ ମୁଁ ଶଯ୍ୟା ତ୍ୟାଗ କରେ । ନିଦରୁ ଉଠି ବିଛଣାରେ ବସି ଈଶ୍ୱରଙ୍କ ନାମରେ ପ୍ରାର୍ଥନା କରେ । ଦାନ୍ତ ଘଷେ । ତା'ପରେ ଖୋଲା ସ୍ଥାନକୁ ଯାଇ ବ୍ୟାୟାମ କରେ । କ୍ଳାନ୍ତି ମେଣ୍ଟାଇବା ପାଇଁ ଅଧଘଣ୍ଟା ବିଶ୍ରାମ ନିଏ । ସକାଳ ଛଅଟା ବେଳେ ମୁଁ ପଢ଼ି ବସେ । ସାଢ଼େ ଆଠଟା ବାଜିଲେ ପାଠପଢ଼ା ବନ୍ଦ କରି ଗାଧୋଇବାକୁ ଯାଏ । ଗାଧୋଇ ସାରି ଘଣ୍ଟି ବାଜିଲେ ଖାଇବାକୁ ଯାଏ । ଭାତ ଖାଇ ସାରି ରୁଟିନ୍ ସଜାଡ଼ି ସ୍କୁଲକୁ ଯାଏ । ସ୍କୁଲରେ ମୁଁ ଦଶଟାରୁ ଚାରିଟା ବେଳ ଯାଏ ରହେ । ଛୁଟି ହେଲେ ହଷ୍ଟେଲକୁ ଫେରେ ଏବଂ ଜାମା ବଦଳାଇ ଖେଳ ପଡ଼ିଆକୁ ଯାଏ । ସେଠାରେ ସାଙ୍ଗମାନଙ୍କ ସହିତ ମିଶି ବିଭିନ୍ନ ପ୍ରକାର ଖେଳ ଖେଳେ । ଖେଳିବା ଦ୍ୱାରା ମନ ବେଶ୍ ଭଲ ରହେ । ଦେହ ମଧ୍ୟ ସୁସ୍ଥ ରହେ । ପାଠ ପଢ଼ିବାକୁ ଆଗ୍ରହ ଜନ୍ମେ । ସନ୍ଧ୍ୟା ହେଲେ ଗୋଡ଼ ହାତ ଧୋଇ ହଷ୍ଟେଲକୁ ଯାଏ । ଘଣ୍ଟି ବାଜିଲେ ପ୍ରାର୍ଥନା କରେ । ତା'ପରେ ଆଲୁଅ ଜଳାଇ ପାଠ ପଢ଼ି ରାତି ନ'ଟାରେ ଖାଇସାରି ଶୋଇବାକୁ ଯାଏ । ମୋ ନିକଟରେ ସମୟର ମୂଲ୍ୟ ଖୁବ୍ ବେଶୀ । ମୋର ଦୈନନ୍ଦିନ ଜୀବନ ଭାରି ସରଳ । ମୁଁ ଠିକ୍ ସମୟରେ ସବୁକାମ କରେ । ତେଣୁ ମୋ ଦେହ ଓ ମନ ସର୍ବଦା ସୁସ୍ଥ ରହେ ।

**ଦିନା ମଣ୍ଡଳ**
ଦଶମ ଶ୍ରେଣୀ
ଦୋଘରିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ନୂଆଗଡ଼

"କାହିଁ ବନ୍ଧୁତା, କାହିଁ ପ୍ରେମ ସୁନ୍ଦର,
ଯାର ପ୍ରାପତି ଯୋଗୁଁ ଦେବତା ନର ।"

(ନିର୍ବାସିତର ବିଳାପ)
**ଭକ୍ତକବି ମଧୁସୂଦନ ରାଓ**

# କୋରାପୁଟ

କୋରାପୁଟରେ ଜନମ ଆମ
ଏଇ ଆମରି ମାଆ,
ପାଠ ପଢ଼ିବୁ ସବୁ ଜାଣିବୁ
ରଖିବୁ ତା'ର ନାଆଁ ।
ସାକ୍ଷରତାର ମନ୍ତର ନେଲୁ
ଜାଳି ଅକ୍ଷର ଦୀପ,
ଗାଁ ଗଣ୍ଡାରେ ଗିରି କନ୍ଦରେ
କରିବୁ ଦପ ଦପ ।
ଭାରତ ଦେଶ ଉତ୍କଳ ମାତା
ତା ମଧ୍ୟେ କୋରାପୁଟ୍ଟ,
ତାହାରି ଯଶ ତାହାରି ଟେକ
ଆମରି କଣ୍ଠେ ଫୁଟୁ ।
ଏହି ଆମରି ଠାକୁର ପୁଣି
ଶାବର ଜଗନ୍ନାଥ,
ଯେଉଁ ମାଟିରେ ଲକ୍ଷ୍ମଣ ବୀର
ଦେଖାଇ ଗଲେ ପଥ ।

ବିଦେଶୀ ସାଥେ ଲଢ଼େଇ କରି
ଅରଜି ଗଲେ ଯଶ,
ସେହି ମାଟିର ସନ୍ତାନ ଆମେ
ହଟିବା ନାହି ପଛ ।
ନୂଆ ଜୀବନ ଲଭୁଛୁ ଆମେ
ହେଇ ସାକ୍ଷର ସର୍ବେ,
ସାବାସ୍ ମୋର ଶାବର ମାଟି
ଫୁଲେ ମୋ ଛାତି ଗର୍ବେ ।
କୁରୁଳି ଉଠେ ଆମରି ମନ
ଆମେ ଓଡ଼ିଶା ବାସୀ,
ଭାରତ ଦେଶେ ଯେତେକ ରାଜ୍ୟ
ଆମେ ତା ପ୍ରତିବେଶୀ ।

**ତପସ୍ୱିନୀ ଶଗଡ଼**
ଷଷ୍ଠ ଶ୍ରେଣୀ
ବାଲିପିଟା ସରକାରୀ ଉଚ୍ଚ ବିଦ୍ୟାଳୟ, କୋରାପୁଟ




# ଗାଁ ଆଉ ହସୁନି

ଗାଁ ଦାଣ୍ଡେ ନାହିଁ ଆଉ ଆଗଭଳି ମମତା,
କେବେଠାରୁ ତୁଟିଲାଣି ସ୍ନେହ, ପ୍ରେମ ସମତା
ଖପରାଡ଼ିଆଁ ଖେଳଟା ଯେ ଗାଁ ଦାଣ୍ଡୁ ହଜିଛି,
ବୋହୂ ଚୋରି ଡୁଡୁଖେଳ କେବେଠାରୁ ଲୁଚିଛି ।
ଗାଁ ଦାଣ୍ଡେ ହୋଲି ଖେଳ ଆଗଭଳି ଜମୁନି,
ବିମାନଟା ଆଗଭଳି ଗାଁଦାଣ୍ଡେ ବୁଲୁନି ।
ଗାଁଦାଣ୍ଡେ ଗୋରୁପଲ ଆସୁନାହିଁ ହମ୍ବାଳି,
ସୁରୂଜଟା ବୁଡ଼ିଗଲେ ଉଡୁନାହିଁ ଗୋଧୂଳି ।

ଚଇତି ଘୋଡ଼ା ଆଉ ଗାଁ ଦାଣ୍ଡେ ନାଚୁନି,
ପଣାପାଣି ପିଇବାକୁ ଠାକୁରାଣୀ ଆସୁନି ।
ଆଗଭଳି ଗାଁ ଜମା ମନ ଆଉ ରସୁନି,
କଙ୍କ୍ରିଟ୍‌ର ରାସ୍ତା ଦେଖି ଗାଁ ଦାଣ୍ଡ ହସୁନି ।

ସଞ୍ଜବତି ଜାଳିବାକୁ ନୂଆ ବୋହୂ ଆସେନି,
ଚଉରା ମୂଳରେ ଆଉ ଗପପେଡ଼ି ଖୋଲୁନି ।
ଗାଁ ଟୁଙ୍ଗୀ ଘରେ ଆଉ ଶୁଭୁନାହିଁ ଖଞ୍ଜଣି,
ସାହିଭାଇ ନିଶାପଟା ହଜି ପରା ଗଲାଣି ।
ଧୂଳି ବିନା ଗାଁ ଆଉ ଜମା ଭଲ ଲାଗୁନି,
କାଗଜଡ଼ଙ୍ଗାଟି ଏବେ କାନ୍ଦୁଛି ଯେ ବାହୁନି ।

**ଦିନାମଣି ବିଡ଼ିକା**
ଦଶମ ଶ୍ରେଣୀ
ପୋଡ଼ାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ,
କୋରାପୁଟ



# ଆମ ଓଡ଼ିଆ ଭାଷା

ଆମ ଓଡ଼ିଆ ଭାରି ବଢ଼ିଆ
ଆମ ରାଇଜ ଭାଷା,
ବିକୃତ ତାକୁ କରିବା ନାହିଁ
ହେବା ନି ଲୋକହସା ।

ଠିକ୍ ପଢ଼ିଲେ ଠିକ୍ ଲେଖିଲେ
ପାରିବା ଆମେ ବୁଝି,
ନୂତନ ଶବ୍ଦ ସରଜି ଯିବା
ସରବେ ରଖ ହେଜି ।

ଯୁକ୍ତ ଅକ୍ଷର ମାତ୍ରା ଓ ଫଳା
ଅଭ୍ୟାସେ ରଖ ମନ,
ଭାଷାର ରାଣୀ ଓଡ଼ିଆ ବାଣୀ
ସେ ଆମ ଗଣ୍ଠିଧନ ।

ରଚନା, ଗଳ୍ପ, କବିତା ଲେଖି
ଭାବ ପ୍ରକାଶି ଯିବା,
ମାତୃଭାଷାକୁ ପାରିଲେ ବୁଝି
ରାଜ୍ୟ ଆଗେଇ ନେବା ।

ଭାଷା ଜାଣିଲେ ଆମ ସଂସ୍କୃତି
ରଥକୁ ନେବା ଟାଣି,
ଦେଶେ ବିଦେଶେ କହିବେ ସର୍ବେ
ଓଡ଼ିଶା ବାସୀ ଗୁଣୀ ।

**ଯଶୋଦା ଦେହୁରୀ**
ନବମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଶୁଆକାଟୀ, କେନ୍ଦୁଝର

କ ଖ ଗ
ଘ ଙ
ଚ ଛ ଜ
ଝ ଞ

# ଭିନ୍ନକ୍ଷମ

ବାନାୟର ମଧୁପୁର ଗାଁର ମୁଖିଆ ଲୋକ । ତାଙ୍କର ଗେଲବସରର ଝିଅଟିଏ ଥାଏ । ତା' ନାଁ ଲୀଳାବତୀ । ଗାଁ ପୂଜକଙ୍କ ପୁଅ ଲୋକନାଥ ଗାଁ ସ୍କୁଲରେ ଲୀଳାବତୀ ସାଙ୍ଗରେ ପାଠ ପଢୁଥିଲା । ଥରେ ଲୋକନାଥ ଏକ ଦୁର୍ଘଟଣାର ସମ୍ମୁଖୀନ ହେଲା । ସବୁଦିନ ପାଇଁ ସେ ଗୋଟିଏ ଗୋଡ଼ ହରାଇଲା । ତା'ର ପାରିବାରିକ ଅବସ୍ଥା ଭଲ ନଥିଲା । ଆଉ ପାଠ ପଢ଼ିବାକୁ ନ ଯାଇ ସେ ମନ୍ଦିର କାମରେ ବାପାଙ୍କୁ ସାହାଯ୍ୟ କଲା । ଦିନକର କଥା । ଲୋକନାଥ ଠାକୁରାଣୀଙ୍କୁ ଗାଧୋଇ ଦେଲାବେଳେ ଦେଖିଲା ଯେ ବୁଢ଼ୀ ମଙ୍ଗଳା ମୂର୍ତ୍ତିର ଗୋଟିଏ ଗୋଡ଼ କିପରି ଭାଙ୍ଗି ଯାଇଛି । ସେ କଥା ସେଠାରେ ଥିବା ତା'ର ବାପାଙ୍କୁ କହିଲା । ପୂଜକ ଗଭୀର ଚିନ୍ତାରେ ପଡ଼ିଗଲେ । ଏତିକିବେଳେ ବାନାୟର ବାବୁ ସବୁଦିନ ଭଳି ଠାକୁରାଣୀଙ୍କୁ ପୂଜା କରିବାକୁ ପହଞ୍ଚିଲେ । ମୂର୍ତ୍ତିର ଗୋଡ଼ ଭାଙ୍ଗି ଯାଇଥିବା କଥା ଶୁଣି ସେ ବହୁତ ଅସ୍ୱସ୍ତି ଅନୁଭବ କଲେ । ଭଙ୍ଗା ମୂର୍ତ୍ତି ପୂଜା କଲେ ଗାଁର ଅଶୁଭ ହୋଇପାରେ ବୋଲି ସେ ଭାବିଲେ । ତା'ପରଦିନ ଗାଁ ବାଲାଙ୍କୁ ଡାକି ସେ ଏକ ସଭା କଲେ ଓ ସବୁକଥା କହିଲେ । ସଭାରେ ଗାଁର ପୁରୁଖା ଲୋକମାନେ କହିଲେ ଯେ ଭଙ୍ଗାମୂର୍ତ୍ତି ପୂଜା କରିବା ଗାଁ ପାଇଁ ଅଶୁଭ । ଏଣୁ ସଭିଏଁ ନିଷ୍ପତ୍ତି କଲେ ଯେ ପୁରୁଣା ମୂର୍ତ୍ତିକୁ ବଦଳା ଯାଇ ଏକ ନୂଆ ମୂର୍ତ୍ତି ଗଢ଼ାଯିବ । ତାକୁ ପ୍ରତିଷ୍ଠା କରି ପୂଜା କରାଯିବ । ଏହି କଥା ଗାଁରେ ପ୍ରଚାରିତ ହେଲା । ଗାଁ ମୁଖିଆଙ୍କ ଝିଅ ଲୀଳାବତୀ ମୂର୍ତ୍ତି ବଦଳାଯିବ କଥା ଶୁଣି କାନ୍ଦି ପକାଇଲା । କାନ୍ଦି କାନ୍ଦି ସେ ବାପାଙ୍କୁ କହିଲା, "ବାପା, ଆମେ ଆଜି ପର୍ଯ୍ୟନ୍ତ ପବିତ୍ର ଭାବେ ଏହି ଠାକୁରାଣୀ ମୂର୍ତ୍ତିକୁ ପୂଜା କରି ଆସୁଥିଲେ । ଆଜି କେବଳ ତାଙ୍କର ଗୋଟିଏ ଗୋଡ଼ ଭାଙ୍ଗିଗଲା ବୋଲି ଫୋପାଡ଼ି ଦେବା ଠିକ୍ ହେବ କି ? ଆଜି ଯଦି ମୋର ଗୋଡ଼ ଭାଙ୍ଗି ଯାଇଥାନ୍ତା ତୁମେ ମୋତେ ଫୋପାଡ଼ି ଦେଇଥାନ୍ତ କି ?''

ଏହି ପୂଜକଙ୍କ ପୁଅ ଲୋକନାଥଙ୍କୁ ଦେଖ । ତା'ର ଗୋଡ଼ ଭାଙ୍ଗିଯିବାରୁ ସେ ପାଠପଢ଼ାରୁ ବଂଚିତ ହୋଇଛି । ଯଦି ଲୋକମାନେ ଶାରୀରିକ ଅକ୍ଷମ ହୋଇଯାଆନ୍ତି, ଆମେ ତାଙ୍କୁ ଫୋପାଡ଼ି ଦେବା କ'ଣ ଠିକ୍ ହେବ ?

ବାନାୟର ଝିଅଟିର କଥା ଶୁଣିଲେ । ସେ କହିଲେ ମୂର୍ତ୍ତିଟିଏ ପଥରରେ ଗଢ଼ା । ମୂର୍ତ୍ତିର ଗୋଟିଏ ଅଙ୍ଗ ଭାଙ୍ଗି ଗଲେ ମୂର୍ତ୍ତିକୁ ବଦଳାଇ ଦିଆଯାଏ । କିନ୍ତୁ ଲୋକନାଥ ତ ମଣିଷ ଛୁଆ । ତାକୁ ବଦଳାଇ ହେବ ନାହିଁ । ବରଂ ତାକୁ ଆମେ କାମରେ ଲଗାଇବା । ତା'ର ଗୁଣର ବିକାଶ କରିବା ଯେପରି ସେ ସମାଜର କାର୍ଯ୍ୟ କରିବ । ଆସନ୍ତାକାଲିଠାରୁ ଲୋକନାଥ ସ୍କୁଲ ଯିବାର ସମସ୍ତ ବ୍ୟବସ୍ଥା ମୁଁ କରିବି ।

ସମସ୍ତେ ଲୀଳାବତୀର ବୁଦ୍ଧିକୁ ପ୍ରଶଂସା କଲେ ।

**ସଜନୀ ମାଝୀ**
ଦଶମ ଶ୍ରେଣୀ
ସୁଲେଇପାଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

# ମାଧିଆ ନନା

ମାଧିଆ ନନାରେ ମାଧିଆ ନନା,
ଯାଇଥିଲା ଦିନେ ଡାକ୍ତରଖାନା ।
ମାଧିଆ ନନାର ଲକ୍ଷଣ ସବୁ,
ଦେଖିଣ ଆଶ୍ଚର୍ଯ୍ୟ ଡାକ୍ତର ବାବୁ ।
ମାଧିଆ ନନାର ପାଟିରେ ପାନ,
ଦାନ୍ତ ରୋଗ ଧରି କାଟୁଛି ଦିନ ।
ମାଧିଆ ନନାର ହାତରେ ବିଡ଼ି,
ଯକ୍ଷ୍ମା, କାଶକୁ ଆଣୁଛି ଭିଡ଼ି ।
ମାଧିଆ ନନାର ମସଲା ଖିଆ
ପେଟ ମରା ରୋଗ ନ ହେବ କିଆଁ ।
ମାଧିଆ ନନାର ଗାଧୁଆ ନାହିଁ,
କାଛୁ, କୁଣ୍ଡିଆକୁ ବସିଛି ଗ୍ରହି ।

ମାଧିଆ ନନାର ହାତେ ବୋତଲ,
କ୍ୟାନ୍ସର ତାକୁ କରେ ଅଚଳ ।
ଅସମୟେ ନନା କରେ ଭୋଜନ,
ରୋଗ ଡାକି ଆଣି କରେ ରୋଦନ ।
ମାଧିଆ ନନାର ଅସନା ବାସ,
ରୋଗକୁ ପାଖକୁ ଡାକୁଛି ଆସ ।
ମାଧିଆ ନନାର ଲକ୍ଷଣ ସବୁ,
ବୁଝାଇ କହିଲେ ଡାକ୍ତର ବାବୁ ।
ମାଧିଆ ନନାକୁ ଆସିଲା ଜ୍ଞାନ,
ସ୍ୱାସ୍ଥ୍ୟ ସଚେତନେ ରଖିଲା ଧ୍ୟାନ ।

**ଗୀତା ମିଣ୍ୟାକା**
ଦଶମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ମିନାପାଇ, କୋରାପୁଟ

## ଆମ ଦେଶର ପ୍ରଧାନ ନଦୀ

| ନଦୀର ନାମ | ଦୈର୍ଘ୍ୟ | ନଦୀର ନାମ | ଦୈର୍ଘ୍ୟ |
|---|---|---|---|
| ଗଙ୍ଗା | ୨୫୧୦ କି.ମି. | ନର୍ମଦା | ୧୨୯୦ କି.ମି. |
| ବ୍ରହ୍ମପୁତ୍ର | ୨୯୦୦ କି.ମି. | ମହାନଦୀ | ୮୯୦ କି.ମି. |
| ଗୋଦାବରୀ | ୧୪୪୮ କି.ମି. | କାବେରୀ | ୭୬୦ କି.ମି. |
| କୃଷ୍ଣା | ୧୨୯୦ କି.ମି. | ତାପ୍ତି | ୭୨୦ କି.ମି. |

# ଆମ ବିଦ୍ୟାଳୟ

ଭାରତବର୍ଷ ଦେଶ ଆମରି
କୋରାପୁଟ ଆମ ଜିଲ୍ଲା,
ଓଡ଼ିଶା ରାଜ୍ୟରେ ଘରକରି ଅଛୁ
ଆମେରେ ଓଡ଼ିଆ ପିଲା ।
ନନ୍ଦପୁର ଆମ ବ୍ଲକ୍ ଅଟେ
ପାଡୁଆ ଆମରି ଥାନା,
ଯେଉଁ ଗ୍ରାମେ ଆମ ବିଦ୍ୟାଳୟ ଅଛି
ହାଟଗୁଡ଼ା ତା'ର ନାଁ ।
ଉପାନ୍ତ ଅଞ୍ଚଳେ ଅବସ୍ଥିତ ସିନା
ଶ୍ରେଷ୍ଠ ବୋଲି ମୁହଁ ଗଣେ,
ଅଳପେ ବହୁତେ ପଢ଼ିଛନ୍ତି ପାଠ
ମୂରୁଖ ନୁହନ୍ତି ଜଣେ ।
ଶୁଣିଅଛି ମୁହିଁ ପୂରୁବ ଗୌରବ
ବିଦ୍ୟାଳୟ ଇତିହାସ,
ହୋଇଛନ୍ତି ନେତା, କେତେ ପ୍ରଶାସକ
କେତେ କରୁଛନ୍ତି ଗ୍ରଷ ।
ବିଦ୍ୟାଳୟ ଆମ ଜୀବନ ଯାତ୍ରାର
ପ୍ରଥମ ସୋପାନ ହୋଇ,
ତାହାରି ବକ୍ଷରେ ଖେଳି ପଢ଼ି ଆମେ
ଜୀବନ ଦେବା ବିତାଇ ।

**ଲକ୍ଷ୍ମଣ ଗଡ଼ନାୟକ**
ଷଷ୍ଠ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ହାଟଗୁଡ଼ା, କୋରାପୁଟ



# ଏଇ ତ ଜୀବନ

ଜୀବନଟା ଏକ ମଧୁର ଧାରାର
ବିସ୍ତାରିତ ବେଳାଭୂଇଁ,
ଜୀବନ ଯେ ଏକ ଅବୁଝା କବିତା
ପଢ଼ି ବୁଝିହୁଏ ନାହିଁ।

ଜୀବନ ନୁହଇ ସୌଖୀନ କଣ୍ଢେଇ
ଖେଳି ଭାଙ୍ଗିବାର ବେଳ,
ନୁହଇ ଜୀବନ ସୁବାସିତ ଖାଲି
ମଧୁର ଗୋଲାପ ଫୁଲ।

ଜୀବନ ମରୁରେ ବହେନାହିଁ ସଦା
ମଉସୁମୀ ଭରା ପ୍ରୀତି,
ନୁହେଁ ଚିରନ୍ତନ ସ୍ୱପ୍ନଭରା ଏକ
ଅସରନ୍ତି ମଧୁରାତି।

ଜୀବନ ଯେ ଏକ ବିଚିତ୍ର ସରଣୀ
କେବଳ ଚ୍ଲିବା ପାଇଁ,
ମାନ, ଅଭିମାନ ସୁଖ, ଦୁଃଖ ଆଶା
ଭରସାର ମାନେ ନାହିଁ।

ଜୀବନଟା ଏକ ବିଚିତ୍ର ନାଟକ
ଅସରନ୍ତି ଦୃଶ୍ୟ ତା'ର,
ଅନ୍ତହୀନ ଅନ୍ତ ପରିଣତି ଯହିଁ
ଜନ୍ମୁଥାଏ ବାରବାର।

**ଦିପାଞ୍ଜଳୀ କାତ୍ରିୟା**
+୨ ଦ୍ୱିତୀୟବର୍ଷ ବିଜ୍ଞାନ
ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
କୁମ୍ଭାରିପୁଟ, କୋରପୁଟ

# ଆମ କେନ୍ଦୁଝର

ଅଟଇ ସୁନ୍ଦର ଆମ କେନ୍ଦୁଝର
ଆମେ ତାହାର ସନ୍ତାନ,
ଘରିଆଡ଼େ ଘେରା ବନ ପାହାଡ଼ ତା'
ହରେ ସଭିଙ୍କର ମନ ।

ଗୋନାସିକାରୁ ବହି ଆସିଅଛି
ପୁଣ୍ୟତୋୟା ବୈତରଣୀ,
ତାହାରି ଜଳରେ ସ୍ନାନ କରି ସଦା
ପବିତ୍ର ହୁଅନ୍ତି ପ୍ରାଣୀ ।

ବଡ଼ ଘାଗରାର ନୀଳ ଜଳରାଶି
ବିଦେଶୀଙ୍କ ମନ ମୋହେ,
ପାହାଡ଼ ପର୍ବତ ନଦନଦୀ ସବୁ
ମନଛୁଆଁ ଗୀତ ଗାଏ ।

ଜଗତ ଜନନୀ ତୁହି ମା' ତାରିଣୀ
କରୁଣା ତୋହରି ଥାଉ,
ହସୁଥାଉ ସଦା ଆମ କେନ୍ଦୁଝର
ପୁତ ପଲ୍ଲବିତ ହେଉ ।

**କୁବେର କୁମାର ନାୟକ**
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ,
ନରଣପୁର, କେନ୍ଦୁଝର



# ବର୍ଜ୍ୟବସ୍ତୁର ପରିଚାଳନା

ବର୍ତ୍ତମାନ ଯୁଗରେ ଆମେ ବିଜ୍ଞାନକୁ ଅବଲମ୍ବନ କରି ବିଭିନ୍ନ ଯନ୍ତ୍ରପାତି ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉଦ୍ଭାବନ କରି ଚାଲିଛୁ । ଏଥି ସହିତ ପୃଥିବୀର ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ହେଉଛି । ଜନସଂଖ୍ୟା ବୃଦ୍ଧି ହେବା ଦ୍ୱାରା ପୃଥିବୀ ପୃଷ୍ଠରେ ମୁଣ୍ଡ ପିଛା ଜମିର ପରିମାଣ କମିବାରେ ଲାଗିଛି । ଦିନକୁ ଦିନ ସହର ଗୁଡ଼ିକର ସଂଖ୍ୟା ବୃଦ୍ଧି ହେଉଛି ଓ ଅଧିକ ଲୋକ ବାସ କରିବା ସହିତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବୃଦ୍ଧି ହେଉଛି । ପ୍ଲାଷ୍ଟିକ୍ ପଲିଥିନ୍, ରବର ଇତ୍ୟାଦି ସହ ପ୍ରତିଦିନ ଘରୁ ବାହାରୁଥିବା ନିତିଦିନିଆ ବର୍ଜ୍ୟବସ୍ତୁ ମାତ୍ରା ଏବେ ଉଦ୍‌ବେଗଜନକ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ଏହା ହେଉଛି ସମଗ୍ର ବିଶ୍ୱର ସମସ୍ୟା । ଶିଳ୍ପୋନ୍ନତ ରାଷ୍ଟ୍ରରେ ଘରୋଇ ତଥା ଶିଳ୍ପ ସଂସ୍ଥାମାନଙ୍କରୁ ବାହରୁଥିବା ବର୍ଜ୍ୟବସ୍ତୁର ପରିଚାଳନା ପୁନଃଚକ୍ରଣ ପାଇଁ ନାନାଦି ପ୍ରକାର ପଦକ୍ଷେପ ନିଆଯାଉଛି । ଏଥିପାଇଁ ଶହ ଶହ ଟଙ୍କା ଖର୍ଚ୍ଚ ହେଉଛି । କିନ୍ତୁ ଆମ ଦେଶରେ ଏହାକୁ ଏପର୍ଯ୍ୟନ୍ତ ନିୟନ୍ତ୍ରଣ କରିବାରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ପାରିନାହିଁ । ରାଜ୍ୟରେ ବିଶେଷ କରି ସହରାଞ୍ଚଳରେ ବର୍ଜ୍ୟବସ୍ତୁର ମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । କଟକ, ଭୁବନେଶ୍ୱରରୁ ଅଧିକ ପରିମାଣରେ ବର୍ଜ୍ୟବସ୍ତୁ ବାହାରୁ ଥିବାରୁ ସରକାର ଅତ୍ୟାଧୁନିକ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ହାତକୁ ନେଇ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି । ଏସବୁ ମୁଖ୍ୟତଃ ଘରୋଇ ବ୍ୟବହାର୍ଯ୍ୟ ପଦାର୍ଥ ହୋଇଥିବାରୁ ଏଥିରୁ ପୁନଃଚକ୍ରଣ ପ୍ରକ୍ରିୟାରେ ବିଭିନ୍ନ ପ୍ରକାରର ଜୈବସାର ଏବଂ ଇନ୍ଧନ ପ୍ରସ୍ତୁତ କରାଯାଇପାରିବ । ଏହାକୁ ଶିଳ୍ପ ସଂସ୍ଥାମାନେ କ୍ରୟକରି ଇନ୍ଧନ ରୂପେ ବ୍ୟବହାର କରିପାରିବେ ।

ଯେଉଁ ସବୁ ଘରୋଇ ବର୍ଜ୍ୟବସ୍ତୁକୁ ପୁନଃଚକ୍ରଣ ପ୍ରକ୍ରିୟା ଦ୍ୱାରା ନଷ୍ଟ କରାଯାଇପାରିବ ନାହିଁ ସେ ସବୁ ମାଟି ତଳେ ପୋତିବାର ବ୍ୟବସ୍ଥା କରାଯିବ । ଏହି ବର୍ଜ୍ୟବସ୍ତୁରେ ପ୍ଲାଷ୍ଟିକ୍‌ର ପରିମାଣ ଅଧିକ ହୋଇଥିବାରୁ ବର୍ଜ୍ୟବସ୍ତୁରୁ ପ୍ଲାଷ୍ଟିକ୍‌କୁ ପୃଥକ୍ କରି ପୁନଃ ବ୍ୟବହାରକ୍ଷମ କରାଯିବ । ସହରାଞ୍ଚଳରୁ ବାହାରୁଥିବା ଦୈନନ୍ଦିନ ବର୍ଜ୍ୟବସ୍ତୁକୁ ସରକାରୀ ଓ ବେସରକାରୀ ମିଳିତ ଉଦ୍ୟମରେ ପରିଚାଳନା ଓ ନିୟନ୍ତ୍ରଣ କରାଯାଇପାରିବ । ତେଣୁ ପ୍ରତିଦିନ ବାହାରୁ ଥିବା ବର୍ଜ୍ୟବସ୍ତୁକୁ ସ୍ଥାନାନ୍ତର ଓ ନଷ୍ଟ ନକଲେ ତାହା ଲୋକମାନଙ୍କ ସ୍ୱାସ୍ଥ୍ୟପ୍ରତି ବିପଦସୃଷ୍ଟି କରିବ । ରୋଗ ବ୍ୟାପିବା ସାଙ୍ଗକୁ ସେହି ବର୍ଜ୍ୟବସ୍ତୁ କେତେକ ସ୍ଥାନରେ ଡ୍ରେନ୍ ଓ ନର୍ଦ୍ଦମା ଆଦି ବନ୍ଦ କରିପାରେ । ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା କରାଗଲେ ଏହା ଲୋକମାନଙ୍କ ମଙ୍ଗଳ ସହିତ ସହରମାନଙ୍କର ସୌନ୍ଦର୍ଯ୍ୟ ବଢ଼େଇବାରେ ସହାୟକ ହେବ ।

**ଲକିନାଥ ପୂଜାରୀ**
ଦଶମ ଶ୍ରେଣୀ
ଦୋଘରିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ନୂଆଗଡ଼



# ଅଁଳା

ବୃକ୍ଷର ଅନେକ ନାମ ଅଛି । କିଏ କହେ ଗଛ ତ କିଏ କହେ ପାଦପ । ପୁଣି କିଏ କହେ ବନସ୍ପତି ତ ଆଉ କିଏ କହେ ମହୀରୁହ । ଏମିତି ଅନେକ ନାଁ ଗଛର ।

ବୃକ୍ଷମାନଙ୍କ ଯୋଗୁଁ ହିଁ ପ୍ରାଣୀଜଗତ ତିଷ୍ଠି ରହିଛି । ତା'ର କାରଣ ବୃକ୍ଷମାନେ ଅଙ୍ଗାରାକାମ୍ଳକୁ ଅମ୍ଳଜାନରେ ପରିଣତ କରନ୍ତି । ଏଣୁ ବୃକ୍ଷମାନଙ୍କର ଅବଦାନ ଅତ୍ୟନ୍ତ ମହତ୍ । ଆମେ କେବଳ ଯେ ସେମାନଙ୍କର ସୁରକ୍ଷା ଓ ବୃଦ୍ଧି ସମ୍ପର୍କରେ ଚିନ୍ତା କରିବା ସେ କଥା ନୁହେଁ, ଓଲଟି ପ୍ରତିଟି ବୃକ୍ଷକୁ ଆମେ ଅତ୍ୟନ୍ତ ନିଜର ମନେ କରି ତା' ସମ୍ପର୍କରେ ଜାଣିବା ଓ ଅନ୍ୟମାନଙ୍କୁ ଜଣେଇବା ।

ଏମିତିରେ ଦେଖିଲେ ଅଧିକାଂଶ ବୃକ୍ଷଲତାଙ୍କର ଚମତ୍କାର ଔଷଧୀୟ ଗୁଣ ମଧ୍ୟ ରହିଛି । ମାତ୍ର ଆମେ ସେ ସବୁ ସମ୍ପର୍କରେ ସଚେତନ ନୋହୁଁ । ତେଣୁ ପ୍ରଥମ କଥା ହେଉଛି ବୃକ୍ଷଲତାର ଏ ମହୀୟାନ୍ ସଦସ୍ୟମାନଙ୍କୁ ଆମେ ଆନ୍ତରିକତାର ସହ ଚିହ୍ନିବା ଓ ଜାଣିବା । ଏ କଥା ମଧ୍ୟ ନିରାଟ ସତ୍ୟ ଯେ ଜୀବନଧାରଣ ପାଇଁ ସବୁ ପ୍ରାଣୀ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସାରା ଉଦ୍ଭିଦଜଗତ ଉପରେ ନିର୍ଭରଶୀଳ ।



ଅଁଳା ଆମ ମାଟିର ଗୋଟିଏ ଅତି ପ୍ରସିଦ୍ଧ ବୃକ୍ଷ । ଏହାର ସଂସ୍କୃତ ନାମ, 'ଆମଳକୀ' । ବିଜ୍ଞାନ ନାମ, ଏମ୍ବ୍ଲିକା ଅଫିସିନାଲିସ୍ । ଏହା ଇଉଫୋରବିଏସି ବଂଶର ସଦସ୍ୟ ।

ଅଁଳା ଗଛଟିକୁ ଚିହ୍ନିବାରେ କୌଣସି ଅସୁବିଧା ନାହିଁ । ମଝିମଝିଆ ଉଚ୍ଚତା ବିଶିଷ୍ଟ ଏହା ଏକ ଡାଳିଆ ବୃକ୍ଷ । ପତ୍ରଗୁଡ଼ିକ ତେନ୍ତୁଳି ପତ୍ର ପରି ଛୋଟ ଛୋଟ ଓ ଲମ୍ବାଳିଆ । ଫୁଲଗୁଡ଼ିକ ଫିକା ସବୁଜ ରଙ୍ଗର । ଗୋଟିଏ ଗୋଟିଏ ଛୋଟିଆ ପେନ୍ଥାରେ ମାଈ ଅଣ୍ଡିରା ଫୁଲ ମିଶିକରି ରହିଥାନ୍ତି ।

ଅଁଳା ଫଳଟି ଗୋଲ୍, ମାଂସଳ ଓ ରଙ୍ଗରେ ଅଳ୍ପ ଫିକା ଶାଗୁଆ । କୋଳିଭଳି କେତେକ ଅଁଳାଫଳରେ ଧଳାଧଳା ଗାର ପଡ଼ିଥିବାର ମଧ୍ୟ ଦେଖାଯାଏ । ଅଁଳା ଫଳ ଖାଇଲେ କଷା ଲାଗେ କିନ୍ତୁ ଏ ଫଳ ଖାଇ ପାଣି ପିଇଲେ ମିଠା ମିଠା ଲାଗେ ।

ଆୟୁର୍ବେଦର ତିନି ମୁଖ୍ୟ ଔଷଧ ହରିଡ଼ା, ବାହାଡ଼ା ଓ ଅଁଳାକୁ ମିଶାଇ ତ୍ରିଫଳା କରାଯାଏ । ଏହି ତ୍ରିଫଳା ସ୍ୱାସ୍ଥ୍ୟ ପାଇଁ ସବୁ ଦିଗରୁ ଅତ୍ୟନ୍ତ ଉପକାରୀ । ଏହାର ସ୍ୱାଦ କଷାହେଲେ ବି ଏଥିରେ ପ୍ରଚୁର ଭିଟାମିନ୍ 'ସି' ବା ଜୀବସାର 'ଗ' ରହିଛି ।

ଶୁଖିଲା ଅଁଳା କୋଳି, ପାଣିଝାଡ଼ା, ନାଳଝାଡ଼ା, ପରିସ୍ରାପୋଡ଼ା, ଅର୍ଶ, କାଶ ଓ କିଛି କିଛି ମୂତ୍ର ରୋଗରେ ଔଷଧ ରୂପେ ବ୍ୟବହୃତ ହୁଏ । ଅଁଳାର ପତ୍ର ଗୋଳିଆପାଣିରେ ପକାଇଲେ ତାହା ସଫା ହୋଇଯାଏ । ପୁଣି ବଟା ଅଁଳାକୋଳି ଓ ଅଁଳା ଫଳରେ କରାଯାଇଥିବା ତେଲ ମଧ ମୁଣ୍ଡବାଳକୁ ନରମ, ଚିକ୍କଣ ଓ କଳା ରଖେ । ଚର୍ମରୋଗରେ ଏହି ଗଛର ଛେଲିକୁ ସିଝାଇ ବ୍ୟବହାର କଲେ ଉପକାର ମିଳେ ।

ଅଁଳା ଗଛ ଆମ ଓଡ଼ିଶାରେ ଏକ ପୂଜିତ ବୃକ୍ଷ । ଗାଁ ଗହଳରେ ଅଁଳାଗଛରେ ନାଲି କନା ଗୁଡ଼େଇ, ତା' ଡାଳକୁ କାଚ ପିନ୍ଧାଇ ଲୋକେ ପୂଜା କରନ୍ତି । 'ଅଁଳା ନବମୀ' ପୂଜା ଅଁଳା ଗଛର ମହତ୍ତ୍ୱକୁ କେଉଁ ପ୍ରାଚୀନ କାଳରୁ ଯେ ପ୍ରସ୍ତରିତ କରି ଆସିଛି ତା'ର ଆରମ୍ଭ ଖୋଜି ପାଇବା କଠିନ ।

ଅଁଳା ଗଛଟିକୁ ଦେଖିଲେ, ଆମେ ଦଣ୍ଡେ ଅଟକି ତା'ର ମହତର ଦାନ ସମ୍ପର୍କରେ ଟିକେ ଭାବିବା ଉଚିତ୍ ।


(ସଂପାଦନା ବିଭାଗ)



# ବଣ ରାଇଜରେ ପାଠପଢ଼ା

ବଣର ରାଜା ଥାନ୍ତି ବାଘ । ଦିନେ ସେ ମନ୍ତ୍ରୀଙ୍କୁ ଡାକି କହିଲେ, "ମନ୍ତ୍ରୀ ମହୋଦୟ, ଆପଣ ଯଥା ଶିଘ୍ର ଜଙ୍ଗଲରେ ଏକ ବିଦ୍ୟାଳୟ ଖୋଲିବେ । ଆମ ପିଲାମାନଙ୍କ ପାଇଁ ସେଠାରେ ପଢ଼ିବା ବ୍ୟବସ୍ଥା କରାଯାଉ । କାରଣ ପାଠ ନ ପଢ଼ିବା ଦ୍ୱାରା ସେମାନେ ବେଶି ଏଣେ ତେଣେ ବୁଲାବୁଲି କରୁଛନ୍ତି । ବଡ଼ମାନଙ୍କ କଥା ମାନୁ ନାହାନ୍ତି । ପାଠ ପଢ଼ିଲେ ସିନା ସେମାନଙ୍କର ବୁଦ୍ଧି ହେବ ।'' ମନ୍ତ୍ରୀ ଭାଲୁ ବି ସେୟା ଚାହୁଁଥିଲେ । ସେ ଜଙ୍ଗଲ ମଝିରେ ଥିବା ଛୋଟ ପାହାଡ଼ ଉପରେ ପଶୁ ପିଲାମାନଙ୍କ ପାଇଁ ପଢ଼ିବାର ବ୍ୟବସ୍ଥା କରି ଦେଲେ । ବିଲୁଆ ଓ ମାଙ୍କଡ଼କୁ ପାଠ ପଢ଼ାଇବା ପାଇଁ କହିଲେ । ପାଠପଢ଼ା ଗ୍ଭଲିଲା । ବାଘ, ଭାଲୁ, ହାତୀ, ବିଲୁଆ, ଗୟଳ ହରିଣ ଏମିତି ଜଙ୍ଗଲରେ ଯେତେ ପ୍ରକାର ପଶୁ ଥିଲେ, ତାଙ୍କର ପିଲାମାନେ ପଢ଼ିବାକୁ ଆସିଲେ । ଦିନେ ବିଲୁଆ କହିଲା ପିଲେ ! ତୁମେ ସବୁ ଠିକ୍ ସମୟରେ ଆସିବ । ନିଜ ବହିପତ୍ର ସଜାଡ଼ି ରଖିବ । ଯାହା ପଢ଼ା ଦିଆଯିବ, ଘରେ ଯାଇ ପଢ଼ିବ । କାହା ବହି ପତ୍ର ଚିରାଚିରି କରିବ ନାହିଁ । ନିଜ ନିଜ ଭିତରେ ଝଗଡ଼ା ଲାଗିବନାହିଁ । ବିଲୁଆ କଥା ସମସ୍ତେ ମାନି ଚଳୁଥାନ୍ତି । ହେଲେ ଗଧ ସବୁବେଳେ ଡେରିରେ ଆସେ । ପଛରେ ବସେ । ପାଠପଢ଼ା ଚାଲିଥିବାବେଳେ ଢୋଳାଏ । ଘର ପାଠ ନ କରି ଆସେ । ସେଇଥି ପାଇଁ ମାଙ୍କଡ଼ଠାରୁ ସେ ମାଡ଼ଖାଏ । ତଥାପି ସେ ବଦଳେ ନାହିଁ । ଗଧର ଏମିତି ସ୍ୱଭାବ ଦେଖି ମାଙ୍କଡ଼ କହିଲା, ଦେଖ ଗଧ ତୋତେ ଯେତେ କହିଲେ ବି ତୁ କଥା ମାନୁନୁ । ତୋ ଦେଇ ପାଠ ହେବ ନାହିଁ । କାଲିଠାରୁ ସମସ୍ତଙ୍କ ବହି ପତ୍ର ବୋହି ଆଣିବୁ, ଆଉ ବୋହି ନେବୁ । ଏହିକାମ ତୋ' ଦେଇ ହୋଇପାରିବ । ବାଘ ରାଜାଙ୍କ ଆଦେଶରେ ପାଠପଢ଼ା ହେଉଛି । କିଏ ବା କଥା ନ ମାନିବେ । ତେଣୁ ସେହିଦିନ ଠାରୁ ଗଧ ଜୀବନ ସାରା ବୁହାବୁହି କାମ କରୁଛି । ପିଲାବେଳେ ମନଦେଇ ଯିଏ ନ ପଢ଼ିବ ଗଧ ପରି ନିଜ ବୋଝ ବୋହି ଚାଲୁଥିବ ।

**ଲତେଶ୍ୱରୀ ଶବର**
ଦଶମ ଶ୍ରେଣୀ
କେ.ସି.ପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ଗଜପତି



# ଶିକ୍ଷା

ଏକ ଏକ ଦୁଇ,
ଆମେ ଭଉଣୀ ଭାଇ ।୧।
ଦୁଇ ଦୁଇ ଚ୍ୱରି,
କରିବା ନାହିଁ ଚ୍ୱେରି ।୨।
ତିନି ତିନି ଛଅ,
ଭଲ ମଣିଷ ହୁଅ ।୩।
ଚ୍ୱରି ଚ୍ୱରି ଆଠ,
ପଢ଼ିବା ବସି ପାଠ ।୪।
ପାଞ୍ଚ ପାଞ୍ଚ ଦଶ,
ଅର୍ଜନ କର ଯଶ ।୫।
ଛଅ ଛଅ ବାର,
ଦୁଃଖୀକୁ ଦୟା କର ।୬।

**ସିଲା ଟୁଡୁ**
ଦଶମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସୁଲେଇପାଟ



**ଶାରଥୀ ଶବର**
ପଞ୍ଚମ ଶ୍ରେଣୀ
ସରକାରୀ ବିଦ୍ୟାଳୟ, ରାୟଗଡ଼ା

# ଆଜିର କାମ ଆଜି ସାରିବା

ଆଜି କାମ ଯେତେ କରି ଦେବା ଆଜି,
କାଲିକି ରଖିବା ନାହିଁ,
କାଲିକି ରଖିଲେ କାଲିକାମ କେବେ,
ହେବ କହ ଆରେ ଭାଇ ।

ଆଜି ଯାହା ପାଠ ଦେଇଛନ୍ତି ଗୁରୁ
ପଢ଼ିଦେବା ଆଜି ସବୁ,
ଆଜି ନ ପଢ଼ିଲେ ଆଉ ପଢ଼ିବାକୁ
ନ ଥିବ ସମୟ ବାବୁ ।

ଆଜିର ରୋଗକୁ ଆଜି ଭଲ କରି
ଦୂରେଇବା ଦେହୁ ତାକୁ,
ରହିଲେ ହେଳାରେ ବଢ଼ି ବଢ଼ି ତାହା
ମୋଡ଼ି ଦେବ ଆମ ବୁକୁ ।

ଆଜି ଯେଉଁ ଲୁଗା ମଇଳା ହୋଇଲା
ଆଜି କରି ଦେବା ସଫା,
ଆଜି ନ କରିଲେ ଠୁଳ ହୋଇଯିବ
ନିକିଲିବ ଦଫା ରଫା ।

ଆଜି କାମ ଯିଏ ଆଜି କରିଥାଏ
ତା'ଠାରୁ କେ ଅଛି ଭଲ,
ଜୀବନରେ ତାକୁ ଛୁଇଁ ପାରିବନି
ଭୁଲ୍ କିମ୍ବା କେଉଁ ଭେଲ ।

**ପ୍ରିୟଙ୍କା ଜାନି**
ଅଷ୍ଟମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସିଆଳିପାଟ, ଗଜପତି

# ଗଧ

ଗୋଟିଏ ଗ୍ରାମର ବିଦ୍ୟାଳୟରେ ଜଣେ ଶିକ୍ଷକ ଥିଲେ । ପିଲାମାନଙ୍କୁ ଭଲ ଭାବରେ ବୁଝାଇ ପାଠପଢ଼ାଉଥିବାରୁ ଗ୍ରାମବାସୀମାନେ ସେହି ଶିକ୍ଷକଙ୍କୁ ବହୁତ ପ୍ରଶଂସା କରନ୍ତି । ଅନ୍ୟ ଗ୍ରାମର ବୋକା ନିର୍ବୁଦ୍ଧିଆ ଚାଷୀ ଦୁଇ ଭାଇ ଥରେ ସେହି ସ୍କୁଲବାଟେ ଯିବା ସମୟରେ ଦୁଇଜଣ ଲୋକଙ୍କ କଥାବାର୍ତ୍ତା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ଜଣେ, ଅନ୍ୟଜଣଙ୍କୁ କହୁଥିଲା - ଭାଇ ! ଏ ଯେଉଁ ଶିକ୍ଷକ ଆମ ଗାଁ ସ୍କୁଲରେ ଅଛନ୍ତି ସେ ଗଧକୁ ବି ମଣିଷ କରି ଦେଉଛନ୍ତି । ବୋକା ଚାଷୀ ଦୁଇ ଭାଇ ଏକଥା ଶୁଣି ନିଜ ଭିତରେ କଥାବାର୍ତ୍ତା ହେଲେ - "ଆମ ଗଧଟାକୁ ଯଦି ଏ ଶିକ୍ଷକଙ୍କୁ ଦିଅନ୍ତେ ସେ ତ ମଣିଷଟିଏ କରିଦେଲେ ଆମ ବିଲବାଡ଼ି କାମ ଉଠାଇ ନିଅନ୍ତା" । ଏଣୁ ଦୁଇ ଭାଇ ନିଜ ଗାଁକୁ ଫେରି ଯାଇ ନିଜ ଗଧଟିକୁ ଆଣି ଶିକ୍ଷକଙ୍କୁ କହିଲେ - "ଆଜ୍ଞା ! ଶୁଣିଲୁ ଆପଣ ଗଧକୁ ବି ମଣିଷ କରି ଦେଉଛନ୍ତି । ଆମର ଏ ଗଧଟିକୁ ଆପଣ ମଣିଷ କରିଦେଲେ ଆମର ଖୁବ୍ କାମରେ ଆସନ୍ତା" । ଶିକ୍ଷକ ଜଣକ ମନେ ମନେ ହସିଲେ ଏ ଦୁଇଭାଇଙ୍କ ବୋକାମୀ ପଣ ଦେଖି । ଭାବିଲେ ଏ ବୋକା ଦୁଇ ଜଣଙ୍କୁ ଗୋଟେ ଭଲ ଶିକ୍ଷା ଦେବି, ଏଣୁ ଛଳନାରେ କହିଲେ - "ହଉ ! ସେହି ଖୁଣ୍ଟରେ ବାନ୍ଧି ଦେଇ ଯାଅ" । ଦୁଇଭାଇ ହାତଯୋଡ଼ି ପଚାରିଲେ - "ଆଜ୍ଞା ! ଆମ ଗଧ କେତେ ଦିନରେ ମଣିଷ ହୋଇପାରିବ ଓ ଆମେ କେବେ ଆସିନେବୁ ?" ଶିକ୍ଷକ କହିଲେ - "ଏତେ ଶୀଘ୍ର କ'ଣ ଗଧଟା ମଣିଷ ହୋଇପାରିବ ? ସମୟ ଲାଗିବ । ତମେ ଛ'ମାସ ପରେ ଆସ" । ବୋକା ଦୁଇଭାଇ ଗଧଟିକୁ ସ୍କୁଲ ଖୁଣ୍ଟରେ ବାନ୍ଧି ଦେଇ ନିଜ ଗ୍ରାମକୁ ଫେରିଗଲେ । ଶିକ୍ଷକ, ଦୁଇ ଚାରିଦିନ ପରେ ଗଧଟିକୁ ବିକ୍ରି କରି ସେହି ବିକ୍ରି ପଇସା ସ୍କୁଲର ଉନ୍ନତି କାର୍ଯ୍ୟରେ ଲଗାଇ ଦେଲେ । ଠିକ୍ ଛ'ମାସ ପରେ ପୁଣି ସେହି ବୋକା ଦୁଇ ଭାଇ ଶିକ୍ଷକଙ୍କ ପାଖରେ ହାଜର ହୋଇ ପଚାରିଲେ - "ଆଜ୍ଞା ! ଆମ ଗଧଟି ମଣିଷ ହୋଇ ଯାଇଛି ନା" । ଶିକ୍ଷକ ହସି ହସି କହିଲେ - "ହଁ ମଣିଷ ହୋଇ କୋଉ ଦିନରୁ ପଳାଇ ଗଲାଣି ନା" । ବୋକା ଦୁଇଭାଇ ଆଶ୍ଚର୍ଯ୍ୟ ହୋଇ କହିଲେ । - "ଆଜ୍ଞା ! ଆମେ ଘରକୁ ତ କାହିଁ ଯାଇ ନାହିଁ ?" ଶିକ୍ଷକ ପୁଣି କହିଲେ - "ବୋକା କିରେ ? ମଣିଷ ହେଲା ପରେ ବୁଦ୍ଧି ମୁଣ୍ଡରେ ପଶିଲା, ସେ ଆଉ ଗାଁକୁ ଯାଆନ୍ତା ବିଲବାଡ଼ିରେ କାମ କରିବାକୁ ? ଦେଖୁଛ ତ ଗାଁ ବିଲବାଡ଼ିରେ କାମ ନ କରି ଲୋକମାନେ କେମିତି ବଜାର ସହରକୁ ପଳାଇ ଯାଉଛନ୍ତି । ସେଠାରେ ବେପାର ଫେପାର କରିବା ପାଇଁ ବାୟା ହୋଇ ଧାଉଁଛନ୍ତି । ତମ ଗଧ ବି ମଣିଷ ହୋଇ ସହରକୁ ପଳାଇ ଗଲା ବୋଧେ ! ବୋକା ଦୁଇ ଭାଇ ଶିକ୍ଷକଙ୍କୁ ପୁଣି ପଚାରିଲେ - "ଆଜ୍ଞା । ଆମ ଗଧ ମଣିଷ ହୋଇ ସହରକୁ ପଳାଇଲା । ଆମେ ସହରରେ ପାଇବୁ କେମିତି ?" ଶିକ୍ଷକ କହିଲେ -

"ପାଇବ ! ନିଶ୍ଚୟ ପାଇବ । ତମ ଗଧକୁ ମୁଁ ଏମିତି ଶିକ୍ଷା ଦେଇ ମଣିଷ କରି ଦେଲି ଯେ ସେ ସହରରେ ବଡ଼ ଅଫିସର ହୋଇଛି । ସହରର ବଡ଼ ଅଫିସର ଯିଏ ସେ ତୁମର ଗଧ, ବୁଝିଲ ? " ବୋକା ଦୁଇଭାଇ ଶିକ୍ଷକଙ୍କୁ ନମସ୍କାର କରି ଚାଲିଲେ ସହରକୁ । ସହରରେ ଲୋକମାନଙ୍କୁ ପଚାରିଲେ, "ଏଠିବଡ଼ ଅଫିସର କିଏ ?" ଜଣେ ଲୋକ ଜିଲ୍ଲାପାଳ ଅଫିସ ଆଡ଼କୁ ଆଙ୍ଗୁଳି ବଢ଼ାଇ ଦେଖାଇ ଦେଇ କହିଲା - "ଏହି ଅଫିସରେ ଯେଉଁ ଅଫିସର ବସିଛନ୍ତି ସେ ହେଉଛନ୍ତି ଏ ଜିଲ୍ଲାର ମାଲିକ, ସବୁଠାରୁ ବଡ଼ ଅଫିସର ।" ବୋକା ଦୁଇଭାଇ ଚାଲିଲେ ସେହି ଜିଲ୍ଲାପାଳଙ୍କ ଅଫିସକୁ । ଜିଲ୍ଲାପାଳ ଅଫିସରେ କାମ କରୁଥିଲେ । ଦୁଇଭାଇ ଝରକା ପରଦା ଟିକିଏ ଟେକି ଦେଇ ଚାହିଁବାରୁ ଜିଲ୍ଲାପାଳ ଚାହିଁଲେ ତାଙ୍କୁ । ଦୁଇଭାଇ ଫେରିଆସି ପରସ୍ପର କଥା ହେଲେ - "ଆମ ଗଧ ଆମକୁ ଚିହ୍ନିଛି । ଆମେ ତା'ର ମାଲିକ, ଆମକୁ ଚିହ୍ନନ୍ତା ନାହିଁ ?" କିଛି ସମୟ ପରେ ପୁଣି ଝରକା ପରଦା ଟେକି ଚୁଙ୍ଗିବାରୁ ଓ ପୁଣି ଜିଲ୍ଲାପାଳ ତାଙ୍କୁ ଚାହିଁବାରୁ ପୁଣି ଦୁଇ ଭାଇ ହସି ହସି କଥା ହେଲେ - "ଚିହ୍ନିଛି, ଚିହ୍ନିଛି, ଆମ ଗଧ ଆମକୁ ଚାହିଁବ ନାହିଁ ?"



ଦୁଇ ଭାଇ କଥାବାର୍ତ୍ତା ହୋଇ କାନ୍ଧ ବ୍ୟାଗରେ ରଖିଥିବା ଗଧ ବନ୍ଧା ଦଉଡ଼ିଟିକୁ ଧରି ସିଧାଯାଇ ଜିଲ୍ଲାପାଳଙ୍କୁ ବାନ୍ଧି ଘୋଷାରି ଆଣିଲେ । ଜିଲ୍ଲାପାଳ କିଛି ବୁଝି ପାରିବା ପୂର୍ବରୁ ସେମାନେ ଚିତ୍କାର କରି କହିଲେ - "ଆମ ଗଧ ହୋଇ ମଣିଷ ହେଲୁ ବୋଲି ଆମ ପାଖକୁ ନ ଯାଇ ଆସି ଏଠି ହାଜର । ଚାଲ ଚାଲ ବିଲବାଡ଼ିରେ କାମ କରିବୁ ।" ସେହିକ୍ଷଣି ପୋଲିସ୍‌ମାନେ ଯାଇ ଜିଲ୍ଲାପାଳଙ୍କୁ ସେ ବୋକା ଦୁଇଭାଇଙ୍କ ହାବୁଡ଼ରୁ ଉଦ୍ଧାର କରି ବୁଝିଲା ବେଳକୁ ସବୁକଥା ଜଣାପଡ଼ିଲା । ସେହିଦିନଠାରୁ ଏ ବୋକା ଦୁଇଭାଇ ହାଜତରେ ଅଛନ୍ତି ।

**କଇଁତା କାର୍ଯୀ**
ପଞ୍ଚମ ଶ୍ରେଣୀ
ଶବର ପଲ୍ଲୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ



**ଶ୍ରୀ ସଙ୍କେତ କୁମାର ସାହୁ**

ନବମ ଶ୍ରେଣୀ

ସରକାରୀ ଉଚ୍ଚ ବିଦ୍ୟାଳୟ, ଚଇଣପୁର

# ଟସର

ମୁଁ ଏକ କ୍ଷୁଦ୍ର ଜୀବ ଟସର,
ଖାଦ୍ୟ ମୋର ଅଟେ କଞ୍ଚା ପତର ।
ସର୍ଗି ଗଛରେ କରେମୁଁ ବସା,
ସେ ହିଁ ଏକା ମୋର ସାହାଭରସା ।
ଟସର ବସ୍ତ୍ର ପରିଧାନ କରି,
ସୁନ୍ଦର ଦିଶନ୍ତି ଯେ ନରନାରୀ ।
ପବିତ୍ର ଅଟଇ ସେହି ପୋଷାକ,
ଆଦର ତାହାର ସଂସାର ଯାକ ।
ସଂସାର କଲ୍ୟାଣେ ଜୀବନ ମୋର,
ସେଥିପାଇଁ ମୋର ଏତେ ଆଦର ।

**ପ୍ରଶାନ୍ତ କୁମାର ନାଏକ**
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ ନରଣପୁର, କେନ୍ଦୁଝର



**ଲକ୍ଷ୍ମଣ କୁମାର ନାୟକ**
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ ନରଣପୁର

# ଲୋଭର ଫଳ

ଗୋଟିଏ ଗ୍ରାମରେ ଗରିବ ବିଧବା ବୁଢୀଟିଏ ଥିଲା । ଜାତିରେ ଗଉଡ଼ । ସମ୍ପତ୍ତିବାଡ଼ି କିଛି ନାହିଁ । ନିଜ ମେହନତରେ ଚଳେ । ଡିହ ଖଣ୍ଡକରେ କୁଡ଼ିଆଟିଏ କରି ରହିଥାଏ । ଘର ଘର ବୁଲି କ୍ଷୀର ସଂଗ୍ରହ କରି ଦହି ବସାଏ ଏବଂ ବଜାରକୁ ନେଇ ଦହି ବିକି ସେଥିରୁ ଯାହା ମିଳେ ଚଳିଯାଏ । ଏବେ ବଜାରର ସବୁ ଜିନିଷର ଦରଦାମ ବଢ଼ିଯାଇଛି । ବଜାରରେ ସବୁ ଜିନିଷର ଦାମ୍ ବଢ଼ିଯିବାରୁ ବୁଢୀକୁ କେତେ କଷ୍ଟ ହେଲାଣି । ଆଗପରି କାରବାର ମଧ ଭଲ ହେଉନାହିଁ । ବୁଢ଼ି ଚିନ୍ତାରେ ପଡ଼ିଲା । ହଠାତ୍ ତା ମୁଣ୍ଡକୁ ବୁଦ୍ଧିଟିଏ ଜୁଟିଲା । ଥରେ ସେ ଦହି ବିକିବାକୁ ଯିବା ପୂର୍ବରୁ ଦହିରେ ପ୍ରାୟ ଅଧା ପାଣି ମିଶାଇଲେ । ସେ ଦିନ ବଜାରରେ ଦହିର ଚାହିଦା ରହିଥିବାରୁ ବେପାରରେ ବୁଢୀକୁ ଭଲ ଦି ପଇସା ମିଳିଥିଲା । ମନ ତା'ର ଭାରି ଖୁସି । ଫେରିବା ବାଟରେ ଗୋଟିଏ ପୋଖରୀ ତୁଠରେ କ୍ଷୀର ଦହିହାଣ୍ଡି ଥୋଇ ତା ଭିତରେ ପଇସା ମୁଣି ରଖି ଗୋଧୋଇବା ପାଇଁ ପୋଖରୀରେ ପଶିଲା । ପୋଖରୀ ହୁଡ଼ାରେ ଗୋଟିଏ ଝଙ୍କାଳିଆ ବରଗଛ ଥାଏ । ସେଇ ବରଗଛରେ ଗୋଟିଏ ବୁଢ଼ା ମାଙ୍କଡ଼ ବସି ସବୁ ଦେଖୁଥିଲା । ଯେମିତି ବୁଢ଼ୀ ପୋଖରୀକୁ ଗାଧୋଇବାକୁ ଯାଇଛି ମାଙ୍କଡ଼ଟି ଚୁପ୍‌ଚାପ୍ ଗଛରୁ ଓହ୍ଲାଇ ଆସି ଦହି ହାଣ୍ଡିରୁ ପଇସା ମୁଣି ନେଇ ଗଛ ଉପରକୁ ଚଢ଼ିଲା । ଗଛ ଡାଳରେ ବସି ମୁଣି ଚିରି ମୁଠା ମୁଠା ପଇସା ତଳକୁ ଫିଙ୍ଗିବାରୁ, ସେଥିରୁ କିଛି ପଡ଼ିଲା ପୋଖରୀ ହୁଡ଼ାରେ ଆଉ କିଛି ପଡ଼ିଲା ପାଣିରେ । ପାଣିରେ ପଇସା ପଡ଼ି ଟପ୍ ଟାପ୍ ଶବ୍ଦ ହେବାରୁ ବୁଢ଼ୀ ଚାହିଁ ଦେଖେ ଯେ ମାଙ୍କଡ଼ ତା ମୁଣି ନେଇ ପଇସା ଫିଙ୍ଗୁଛି । ବୁଢ଼ୀ ପୋଖରୀରୁ ବାହାରି ଆସି ଦହିହାଣ୍ଡି ଦେଖିଲା । ପଇସା ମୁଣି ନ ଦେଖି ଜୋର୍‌ରେ କାନ୍ଦିବାକୁ ଲାଗିଲା । ସେଇବାଟେ ଜଣେ ଭଦ୍ରଲୋକ ଯାଉଥିଲେ । ବୁଢ଼ୀର କାନ୍ଦଣା ଦେଖି ସେଠାକୁ ଆସି ବୁଢ଼ୀକୁ କାନ୍ଦିବାର କାରଣ ପଚାରିଲେ । ବୁଢ଼ୀ ସମସ୍ତ ଘଟଣା ବର୍ଣ୍ଣନା କରିବା ପରେ ଭଦ୍ରଲୋକ ତାକୁ ଆଶ୍ୱାସନା ଦେଇ କହିଲେ, ''ଯାହା ହେବାର ତ ହେଲାଣି । କାନ୍ଦ ନାହିଁ। ଯାହା ପଇସା ତଳେ ପଡ଼ିଛି, ସେଗୁଡ଼ିକୁ ଆଣ ଓ ଗଣି କରି ଦେଖ ।'' ବୁଢ଼ୀ ସେପରି କରିବା ପରେ ଜାଣିଲା ଯେ ସେ ଦହିବିକି ଯେତିକି ପଇସା ପାଇଥିଲା, ଅଧା ମିଳିଲା ଆଉ ବାକି ଅଧା ପାଣିରେ ପଡ଼ିଗଲା । ସେହି ଭଦ୍ରଲୋକଟି ଟିକିଏ ଚିନ୍ତା କରି କହିଲେ 'ତୁମେ ପ୍ରକୃତରେ ଦହିରେ ଅଧାପାଣି ମିଶାଇ କାରବାର କରିବାରୁ ଏହି ଘଟଣା ଘଟିଲା' । ଏକଥା ଶୁଣି ବୁଢ଼ୀ ତଳକୁ ମୁହଁ କଲା । ଭଦ୍ରଲୋକଟି କହିଲେ - ''ମାଉସୀ ତୁମର ଆଜିର ପାଉଣା ଯେତିକି, ସେତିକି ତୁମେ ପାଇ ସାରିଛ । ବାକିତକ ପାଣିର ପଇସା, ପାଣିକୁ ଚାଲିଯାଇଛି । ଏଥିପାଇଁ ଆଉ ଦୁଃଖ ନ କରି ଘରକୁ ଫେରିଯାଅ । ଏପରି ଆଉ କେବେ ମଧ କରିବ ନାହିଁ ।'' ସେହିଦିନଠାରୁ ବୁଢ଼ୀ ସତ୍ ବ୍ୟବସାୟ କରି ଖୁସିରେ ଚଳିଲା ।

**ବରା ଭୋଇ**
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଦେବୀଘାଟ





**ନଶବତୀ ଟୁଡୁ**
ପଞ୍ଚମ ଶ୍ରେଣୀ
ଆଶ୍ରମ ସ୍କୁଲ, କୋଣାର୍କ

# ବାପର ବାପ

ଗୋଟିଏ ଗାଁରେ ଜଣେ ଅନାଥ ପିଲା ବାସ କରୁଥିଲା । ତା'ର ନାମ ଥିଲା ମୋହନ । ସେ ଭାରି ଗରିବ ଓ ଭଲ ମଧ୍ୟ । ସେ କାହାରିକୁ କିଛି କହେ ନାହିଁ କି କାହା ସହିତ କଳିକଜିଆ ମଧ୍ୟ କରେ ନାହିଁ । ଦିନେ ବହୁ ରାସ୍ତା ଯାଇ ଯାଇ ଗୋଟିଏ ବୁଢ଼ା ଘରେ ପହଞ୍ଚିଲା । ଦୁଃଖର କଥା ସେହି ବୁଢ଼ାର ମଧ୍ୟ କେହି ନଥିଲେ । ସେ କେବଳ ଏକା ହିଁ ଥିଲା । ମୋହନକୁ ସେ କହିଲା ବାବୁ ତୁ ଆଜିଠୁ ମୋ ଘରେ ରହିବୁ ଶୋଇବୁ, ଖାଇବୁ, ସବୁ ମୋ ପୁଅ ପରି କାମ କରିବୁ । ହେଲେ ସେଇ ବୁଢ଼ାର ଖଣ୍ଡେ ହେଲେ ଘର ନାହିଁ । ସେ କେବଳ ଗାଁ ମୁଣ୍ଡର ବୁଢ଼ା ବରଗଛ ତଳେ ହିଁ ରହୁଥିଲା । ମୋହନ ମଧ୍ୟ ତାଙ୍କ ସହିତ ରହୁଥାଏ । ଦୁହେଁ ଦୁହିଁଙ୍କୁ ନ ଦେଖିଲେ କେହି ରହି ପାରନ୍ତି ନାହିଁ । ଗାଁ ସଭାରେ ଦିନେ ଠିକ୍ ହେଲା ଯେ - ଗାଁ ଶେଷମୁଣ୍ଡର ବରଗଛଟିକୁ କାଟିଦିଆଯିବ । ମୋହନର ଆଉ ଜଣେ ସାଙ୍ଗ ହରି ସେ କଥାସବୁ ଶୁଣୁଥିଲା । ହେଲେ ସେଇ ଲୋକମାନେ ହରିକୁ ଦେଖି ନଥିଲେ । ହରି ସବୁ ଶୁଣିସାରି ମୋହନ ପାଖକୁ ଗଲା - ମୋହନକୁ କହିଲା ସାଙ୍ଗ ଏଇ ବରଗଛ ତ କଟା ହେବ, ତୁମେ ଆଉ କେଉଁଠି ରହିବ ? ଚାଲ ଆମ ଘରକୁ ଯିବା । ମୋହନର ଯିବା କଥା ଶୁଣି ବୁଢ଼ା କହିଲା ଏଇ ମୋର ପ୍ରିୟ ବରଗଛକୁ ଛାଡ଼ି କୁଆଡ଼େ ବି ଯିବିନାହିଁ । ଏଇ ବରଗଛ ତଳେ ମୁଁ ଛୋଟରୁ ବୁଢ଼ା ହେଲି ହେଲେ ଦିନେ କେହି ବି ଗଛକାଟିବା କଥା ଉଠେଇ ନାହାନ୍ତି । ଗଛକଟା ହେଲେ ମଧ୍ୟ ମୁଁ ଏଠାରୁ ଯିବି ନାହିଁ; ଯିବି ନାହିଁ । ମୋହନ ମଧ୍ୟ ବୁଢ଼ାର କଥା ଶୁଣି କହିଲା ମୁଁ ବି ଯିବି ନାହିଁ । ହରି ସେମାନଙ୍କୁ ଯେତେ ବୁଝେଇଲେ ବି ସେମାନେ ଆଉ ଯିବାକୁ ମଙ୍ଗିଲେ ନାହିଁ । ହରି ଏମାନଙ୍କର ଜିଦ୍ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ତା' ପରଦିନକୁ ସେ ଗାଁର ଲୋକମାନେ କୁରାଢ଼ି, କଟୁରି ଧରି ଗଛ କାଟିବାକୁ ବାହାରିଲେ । ମୋହନ ସେମାନଙ୍କୁ ଦେଖି କହିଲା ମଉସା ଲୋକମାନେ ଆମ ଗଛ କାଟିବାକୁ ଆସୁଛନ୍ତି । ବୁଢ଼ା କହିଲା ମୁଁ ଜୀବନରେ ଥାଉ ଥାଉ ଏ ଗଛ କେବେ କାଟିବାକୁ ଦେବିନାହିଁ । ଲୋକମାନେ ପହଞ୍ଚିଲେ । ବୁଢ଼ାଟି ସାହସ କରି କହିଲା, ମୋତେ ପଛେ ମାରିଦିଅ ହେଲେ ଏ ଗଛକୁ କେବେ ବି ହାଣିବାକୁ ଦେବି ନାହିଁ । ସେଥିରୁ ଲୋକମାନେ ରାଗିଗଲେ । ତାକୁ ଧମକ ଦେଇ କହିଲେ ତୋ ବାପା ଲଗାଇଥିଲା ଯେ ତୁ ଆମକୁ ଏ ଗଛ କାଟିବାକୁ ଦେଉ ନାହୁଁ ? ବୁଢ଼ା କହିଲା ଆଉ କ'ଣ ତୁମର ବାପା ଲଗାଇଥିଲା କି ? ଏତିକି ପ୍ରଶ୍ନ କରିବାରୁ ଲୋକମାନେ ଚୁପ୍‌ଚାପ ହୋଇ ଠିଆ ହୋଇ ରହିଲେ । ମୋହନ ସେତେବେଳକୁ କୁଆଡୁ ଦୌଡ଼ି ଆସି ସେଇ ଲୋକମାନଙ୍କୁ ବୁଝେଇ କହିଲା - ମୋହନ କହିବାକୁ ଆରମ୍ଭ କଲା - ସମସ୍ତେ ତା ମୁହଁକୁ ଚାହିଁ ରହିଲେ - ଆମ ଗାଁ ଦେଇ ଯାଇଥିବା ନଦୀରେ ବନ୍ୟା ହେଲେ ଏଇ ବରଗଛ ହିଁ ଆମକୁ ରକ୍ଷା କରେ । ଏଇ ବରଗଛରେ କେତେ ସୁଖରେ ଚଢ଼େଇମାନେ ରହନ୍ତି । ଯେମିତି ମଣିଷମାନେ ଘର କରି ସୁଖରେ ବସବାସ କରନ୍ତି ସେମିତି



ପକ୍ଷୀମାନେ ମଧ୍ୟ ଏଇ ଗଛରେ ଶୋଭା ପାଆନ୍ତି । ଏଇ ଗଛ ଅମ୍ଳଜାନ ମଧ୍ୟ ଆମକୁ ଯୋଗାଇ ଦେଇଛି । ମୋହନର ଏତିକି କଥା ଶୁଣି ଲୋକମାନେ କ୍ଷମା ଭିକ୍ଷା କଲେ । ସମସ୍ତେ ସେଇ ଦିନଠୁଁ ମୋହନକୁ ସେଇ ଗାଁର ମୁଖ୍ୟ କରିଦେଲେ ଓ ସମସ୍ତେ ନିଜ ନିଜର ବାଡ଼ିରେ ଫୁଲ ଗଛଠାରୁ ଶାଳ ପିଆଶାଳ ଗଛ ପର୍ଯ୍ୟନ୍ତ ଲଗାଇଲେ । ଶେଷରେ ସେମାନେ ପ୍ରତିଜ୍ଞା କଲେ ଯେ ଆମେ କେହି ବି ଗଛ ନ କାଟି ଗଛ ଲଗାଇବା ଓ ଆମ ପରିବେଶଟି ସବୁଜ ଧରଣୀ ହୋଇ ସୁନା ଚନ୍ଦ୍ର ପରି ହସି ଉଠିବ ।

କଥାରେ ଅଛି "ଗଛ ହିଁ ଆମର ପରମ ବନ୍ଧୁ" ।

**କୁମାରୀ ରଶ୍ମିତା ଟୁଡୁ**
ନବମ ଶ୍ରେଣୀ
କୁଜିଡ଼ିହି କନ୍ୟାଆଶ୍ରମ, ମୟୂରଭଂଜ

# ହାତୀ ଛୁଆର ଗପ

ଜଙ୍ଗଲ ଭିତରେ ଖାଲଟିଏ । ସେଇ ଖାଲରେ ହାତୀ ଛୁଆଟିଏ ଗଳି ପଡ଼ିଥାଏ ।

ଖାଲ ଭିତରୁ ଉପରକୁ ଉଠିବା ପାଇଁ ଛୁଆ ହାତୀ ଭାରି ବିକଳ ହେଲା । କେତେ ବାଡ଼େଇ ଛାଟିପିଟି ହେଲା ହେଲେ ଖାଲରୁ ଉଠି ପାରିଲା ନାହିଁ । ସାହାଯ୍ୟ ପାଇବା ଆଶାରେ ହାତୀ ଛୁଆ ଚାରିଆଡ଼େ ଦେଖିଲା । କୁକୁର ଶାମୁ, ବୁଦା ମୂଳରେ ଶୋଇ ରହିଛି । ହାତୀ ଛୁଆ ପାଟିରେ ଶାମୁ ଭାଇ କି ଡାକିଲା । ହେ ଭାଇ ମୋତେ ଟିକିଏ ସାହାଯ୍ୟ କର, ତୁମର ମଙ୍ଗଳ ହେବ । ଶାମୁଟା ଭାରି ଅଳସୁଆ କାମଧନ୍ଦା କିଛି କରେ ନାହିଁ । କି ନିଜ ଖାଦ୍ୟ ସଂଗ୍ରହ କରେ ନାହିଁ।



ନିଜର ଭାଇ ରାମୁ ଯାହା ଆଣିଦିଏ ତାହା ଖାଇ ରହେ । ହାତୀ ଛୁଆର ଡାକରେ ଶାମୁର ନିଦଭାଙ୍ଗିଗଲା । ରାଗରେ କହିଲା ମୁଁ ଯାଇପାରିବି ନାହିଁ । ସେତିକି ବେଳକୁ ରାମୁ କେଉଁଠି ଥିଲା ସେଠାରେ ଆସି ପହଞ୍ଚିଲା । ହାତୀଛୁଆକୁ ଖାଲରେ ପଡ଼ିଥିବା ଦେଖି ତା ନିକଟକୁ ଧାଇଁ ଆସିଲା । ସାମାନ୍ୟ କୁକୁରଟାଏ ହାତୀକୁ ଖାଲରୁ ଉଠାଇବା ପାଇଁ ଚେଷ୍ଟା କଲା । ଅନ୍ୟ ହାତୀମାନଙ୍କର ସାହାଯ୍ୟ ନେଲା । ଅନ୍ୟମାନେ ଆସି ହାତୀଛୁଆକୁ ଖାଲରୁ ବାହାର କରି ଦେଲେ ।

ରାମୁ ହାତୀଛୁଆର ଜୀବନ ରକ୍ଷା କରିଥିବାରୁ ସବୁହାତୀ ରାମୁକୁ ପ୍ରଶଂସା କଲେ । ରାମୁ ଆସି ଶାମୁ ଉପରେ ବିରକ୍ତ ହେଲା, ତାକୁ କହିଲା, 'ଛୋଟିଆ ଛୁଆ ପ୍ରତି ତୋର ଟିକିଏ ଦୟା ନାହିଁ। ଏତେ କାହିଁକି ଅଳସୁଆ ହୋଇ ଯାଉଛୁ ? ଏଇ ଅଳସୁଆମି ପାଇଁ ଦିନେ ନା ଦିନେ କଷ୍ଟ ପାଇବୁ'। ଯେତେ କହିଲେ ରାମୁ କଥା ବି ଶୁଣିଲାନି ।

ହଠାତ ଦିନେ ସକାଳେ କୌଣସି କାରଣରୁ ଜଙ୍ଗଲରେ ନିଆଁ ଲାଗିଗଲା । ଗଛଗୁଡ଼ାକ ହୁ ହୁ ହୋଇ ଜଳିଲା । ଶାମୁ ବୁଦାମୂଳେ ଶୋଇଥିଲା । ନିଆଁର ପ୍ରକୋପରେ ଶାମୁର ନିଦଭାଙ୍ଗିଗଲା । ଦେଖିଲା ନିଆଁ ଲାଗି ଜଳି ଗଲାଣି । ଭାବିଲା ନିଆଁ ମୋ ଗଛମୂଳକୁ ଆସିବ ନାହିଁ । ଅଳସୁଆ ହୋଇ ଗଛତଳେ ପୁଣି ଶୋଇ ରହିଲା । ନିଆଁର ପ୍ରକୋପ ରେ ନିଦଭାଙ୍ଗିଗଲା । ଦେଖିଲା ତା'ର ଗଛ ଚାରିପଟେ ନିଆଁ ଜଳୁଛି । ତା'ର ମନରେ ଚେତା ପଶିଲା। ନିଜକୁ ସେ ବଞ୍ଚାଇବାକୁ ଚେଷ୍ଟା କଲା । ତାକୁ ଚାରିଆଡ଼େ ଅନ୍ଧାର ଦିଶିଲା । ଭାବିଲା ଅଳସୁଆ ହୋଇ ମୁଁ ଜଳିଯିବି । ବିକଳ ହୋଇ ଚାରିଆଡ଼େ ଚାହିଁଲା ରକ୍ଷା ପାଇବା ପାଇଁ । ଦେଖିଲା ରାମୁ ସହିତ ଅନେକ ହାତୀ ଆସୁଛନ୍ତି । ତାଙ୍କ ସହିତ ଖାଲରେ ପଡ଼ିଥିବା

ହାତୀଛୁଆ ମଧ୍ୟ ଅଛି । ହାତୀମାନେ ଶୁଣ୍ଡରେ ପାଣି ଆଣି ପିଚ୍‌କାରୀ କଲେ । ତା'ପରେ ନିଆଁ ଲିଭିଗଲା । ଶାମୁ ବାହାରକୁ ବାହାରି ଆସିଲା । ମୁକ୍ତି ପାଇ ଶାମୁ ହାତୀମାନଙ୍କୁ ପାଖକୁ ଗଲା ଏବଂ ସେହି ହାତୀଛୁଆଟିକୁ ନିଜର ଭୁଲ ମାଗିଲା । ନିଜର ଦୋଷ ପାଇଁ କ୍ଷମାଭିକ୍ଷା କଲା । କହିଲା ନିଜ ଅଳସୁଆମି ପାଇଁ ମୋତେ ଦଣ୍ଡ ଭୋଗିବାକୁ ପଡ଼ିଲା । ସେହି ଦିନଠାରୁ ସେ ନିଜର କାମରେ ବ୍ୟସ୍ତ ରହିଲା ।

**ପ୍ରବୀଣ କୁମାର ମାଝୀ**
ନବମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିପଟା, କୋରାପୁଟ




**ନିକାଦ୍ରୀମାସ ଶବର**
ଅଷ୍ଟମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ରାୟଗଡ଼

# ଆଙ୍ଗୁଠି ଫୁଟାଇଲେ ଶବ୍ଦ ହୁଏ

ଅନେକ ସମୟରେ ଆଙ୍ଗୁଠିକୁ ଓଲଟା ମୋଡ଼ିଲେ ଠକ୍ କରି ଶବ୍ଦ ହୁଏ । ଏହାକୁ ଆଙ୍ଗୁଠି ଫୁଟେଇବା କହନ୍ତି । ହେଲେ ଏପରି ହୁଏ କାହିଁକି ?

ଆଙ୍ଗୁଠିଗୁଡ଼ିକ ଛୋଟ ଛୋଟ ହାଡ଼ ମିଶି ତିଆରି ହୋଇଥାନ୍ତି । ସେଗୁଡ଼ିକୁ ଆମେ ଆଙ୍ଗୁଳିର ପବ କହୁ । ଆମର ବୁଢ଼ାଆଙ୍ଗୁଳିରେ ଦୁଇଟି ପବ ଥିବାବେଳେ, ଅନ୍ୟ ସବୁରେ ଥାଏ ତିନୋଟି । ଏଇ ସବୁ ପବକୁ ଯୋଡ଼ିବାପାଇଁ ମଝିରେ ଥାଏ କବ୍‌ଜା ଭଳି ଜିନିଷ ଯେଉଁଥିପାଇଁ ଆଙ୍ଗୁଳିଗୁଡ଼ିକ ଗୋଟିଏ ଦିଗରେ ଗତି କରନ୍ତି । ପ୍ରତିଟି ପବର ଉଭୟ ପଟେ ଟାଣ ହାଡ଼ ସହିତ ହାଡ଼ର ଘର୍ଷଣ କମ୍ କରିବା ପାଇଁ ମଧ୍ୟ ଏକ ପ୍ରକାର ଟାଣ ମାଂସର ଘୋଡ଼ଣି ଥାଏ । ଏହାଛଡ଼ା ହାଡ଼ ହାଡ଼ ମଝିରେ ରହିଥିବା ଗଣ୍ଠିଝିଲ୍ଲିରୁ ଏକ ଧଳା ତରଳ ପଦାର୍ଥ ବାହାରି ତେଲ ଭଳି ଖସଡ଼େଇବା କାମ କରେ । ଆଙ୍ଗୁଠିର ଏଇ ଗଣ୍ଠିଗୁଡ଼ିକ ଯେତେବେଳେ ବିଶ୍ରାମ ଅବସ୍ଥାରେ ଥାଆନ୍ତି ସେତେବେଳେ କମ୍ ପରିମାଣର ଏହି ତରଳ ପଦାର୍ଥ ସୃଷ୍ଟି ହୁଏ । ଆମେ ଆମ ଆଙ୍ଗୁଠି ଉପରେ ଚାପ ପକେଇଲେ ବା ଓଲଟା ମୋଡ଼ିଲେ ଘର୍ଷଣ ଯୋଗୁଁ ଠକ୍ କରି ଏକ ଶବ୍ଦ ସୃଷ୍ଟି ହୁଏ । ଏହାପରେ ଏଇ ଗଣ୍ଠିରସ ବା ତରଳ ପଦାର୍ଥ ଚାରିଆଡ଼କୁ ଖେଳିଯାଏ ଓ ପରବର୍ତ୍ତୀ ଘର୍ଷଣରେ ବାଧା ସୃଷ୍ଟି କରେ । ତେଣୁ ସେଇ ଆଙ୍ଗୁଠିକୁ ସଙ୍ଗେ ସଙ୍ଗେ ଆଉ ଥରେ ଚାପ ଦେଲେ ବା ଭାଙ୍ଗିଲେ ପୁଣି ଶବ୍ଦ ହୋଇ ନଥାଏ ।

ଆମେମାନେ ମନେରଖିବା ଉଚିତ୍ ସାଧାରଣ ଭାବେ ଆଙ୍ଗୁଠି ଫୁଟେଇବାକୁ ମନା କରାଯାଇଥାଏ । ବିଶେଷ କରି ଗୁରୁଜନଙ୍କ ଆଗରେ ଆଙ୍ଗୁଠି ଫୁଟେଇବା କାମକୁ ଏକ ପ୍ରକାର ଅଭଦ୍ରାମୀ ରୂପେ ଗ୍ରହଣ କରାଯାଉଛି । ମାତ୍ର ଅସଲ କଥାଟି ହେଲା ବାରମ୍ବାର ଆଙ୍ଗୁଠି ଫୁଟେଇବା ବା ଅଣ୍ଟା, ବେକ କିମ୍ବା ଗୋଡ଼କୁ ମୋଡ଼ି ଫୁଟେଇବା ଦ୍ୱାରା ଆମର ସନ୍ଧିଗୁଡ଼ିକ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି । ତେଣୁ ଅଭ୍ୟାସ କରି ସେପରି କରିବା ନିତାନ୍ତ ଅନୁଚିତ୍ ।

(ସମ୍ପାଦନା ବିଭାଗ)

"ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ
ସମସ୍ତଙ୍କ ଭାଗ୍ୟ-ଡୋରି,
ନିଜ ଭାଗ୍ୟ - ଡୋରି କାଳହସ୍ତେ ଏହା
ପକାନ୍ତି ହେଲେ ପାସୋରି ।"

(ପାର୍ବତୀ)
କବିବର ରାଧାନାଥ ରାୟ

# ଶିକ୍ଷିତା ନାରୀ

ପୁରୁଷ ଓ ନାରୀ ସମାଜର ଦୁଇଟି ଅଙ୍ଗ । ନାରୀଙ୍କୁ ସେଥିପାଇଁ ଅର୍ଦ୍ଧାଙ୍ଗିନୀ ବୋଲି କୁହାଯାଏ । ନାରୀମାନେ ହେଲେ ସୃଷ୍ଟିର ଭିତ୍ତିଭୂମି । ସେମାନେ ସୃଷ୍ଟିର ଗାରିମା । ନାରୀମାନଙ୍କର ମଙ୍ଗଳ ହିଁ ଦେଶ ଓ ସମାଜ ପକ୍ଷେ ମଙ୍ଗଳକର ।

ପୌରାଣିକ କିମ୍ବଦନ୍ତୀ ଅନୁସାରେ ଯେଉଁ ସ୍ଥାନରେ ନାରୀ ଜାତିକୁ ସମ୍ମାନ ଦିଆଯାଏ ସେଠାରେ ଦେବତା ଅବସ୍ଥାନ କରନ୍ତି ବୋଲି ମହର୍ଷି ମନୁ କହିଛନ୍ତି । ନାରୀ ହେଉଛି ସର୍ବ ଶକ୍ତିର ଆଧାର । ସମସ୍ତ ସୌନ୍ଦର୍ଯ୍ୟର ଅଧିକାରିଣୀ ।

ଯେଉଁ ଦେଶ ଓ ସମାଜ ନାରୀମାନଙ୍କୁ, ସମ୍ମାନ ଦିଏ ନାହିଁ ସେ ଦେଶ ଓ ସମାଜ କେବେ ହେଲେ ମହାନ୍ ହୋଇ ପାରିବ ନାହିଁ । ଆଜି ଆମ ଦେଶ ଓ ସମାଜର ଉନ୍ନତି ହୋଇପାରିବ ନାହିଁ । ଯେ ହେତୁ ଆମେ ଶକ୍ତିଙ୍କର ଜୀବନ୍ତ ପ୍ରତିମାକୁ ସମ୍ମାନ କରି ଶିଖିନାହୁଁ ।

ସମାଜ ଆଗକୁ ଅଗ୍ରସର ହେଲାବେଳେ ଯୌତୁକପ୍ରଥା, ନାରୀଧର୍ଷଣ, ନିରକ୍ଷରତା, ଛୁଆଁଅଛୁଆଁ, ଧର୍ମାନ୍ଧତା, ଅନ୍ଧ ବିଶ୍ୱାସର ଅନ୍ଧକାର ହେଉଛି ନାରୀ ସମାଜର ଉନ୍ନତିର ପ୍ରଧାନ ବାଧକ ।

ବର୍ତ୍ତମାନ ସମାଜରେ ସମସ୍ତଙ୍କ ମନରେ ଗୋଟିଏ ଉକ୍ତି -

"ଝିଅ ଜନମ ପର ଘରକୁ"

ଏ କଥାକୁ ସମସ୍ତେ ଭୁଲି ଯାଇ ଯୁବ ସମାଜ ମଧ୍ୟରେ ସଚେତନତା ସୃଷ୍ଟି କରି ନାରୀ ସମାଜକୁ ଶିକ୍ଷିତା ଏବଂ ଆତ୍ମନିର୍ଭରଶୀଳ କରିବାକୁ ପଡ଼ିବ । ଝିଅ ନିଜ ଗୋଡ଼ରେ ନିଜେ ଠିଆ ହୋଇ ଶିଖିଲେ ସମାଜର ମଙ୍ଗଳ ହେବ । ଅଶିକ୍ଷା ଓ ଅଜ୍ଞତା ଫଳରେ ନାରୀ ଜାତି ଯଦି ଦୁର୍ବଳ ହୁଏ ତେବେ ସମାଜ ଉନ୍ନତି ପଥରେ ଗତି କରିବାକୁ ସଂପୂର୍ଣ୍ଣ ଅକ୍ଷମ ହେବ ।

ନାରୀ ନରକର କୀଟ ନୁହେଁ ବରଂ ସ୍ୱର୍ଗର ଦ୍ୱାର । ସମାଜର ପ୍ରଗତି ଓ ସମୃଦ୍ଧି ପାଇଁ ନାରୀ ଶିକ୍ଷା ଆବଶ୍ୟକ । ଅତୀତରେ କଳା, ସାହିତ୍ୟ, ସଙ୍ଗୀତ, ଦର୍ଶନ, ବିଜ୍ଞାନ, ଉଦ୍ଭାବନ, ଆବିଷ୍କାର, କ୍ରୀଡ଼ା, ବ୍ୟବସ୍ଥାଳୟ, ନ୍ୟାୟାଳୟ, ବିଦ୍ୟାଳୟ, ପରିଚ୍ଚଳନା, ପରିକଳ୍ପନା, ରଣକ୍ଷେତ୍ର, ପ୍ରଶାସନିକ ସେବା, ରାଜନୀତି ସକଳ କ୍ଷେତ୍ରରେ ଶିକ୍ଷିତା ମହିଳାଗଣ ତୁଙ୍ଗ ପଦବୀରେ ଅଧିରୁଢ଼ା ହୋଇ ନିଜ ନିଜର ଦକ୍ଷତା ଓ ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି ।

ନାରୀମାନଙ୍କର ଚିନ୍ତାରେ ମୌଳିକତାର ଅଭାବ ନାହିଁ, କର୍ତ୍ତବ୍ୟରେ ନିଷ୍ଠାର ଅଭାବ ନାହିଁ, କାର୍ଯ୍ୟରେ ଦକ୍ଷତାର ଅଭାବ ନାହିଁ, ସମସ୍ୟା ଦେଖାଦେଲେ ସମାଧାନ କରିବାର ଅଭାବ ନାହିଁ, ବିପ୍ଳବ ଲାଗି ବୀରତ୍ୱର ଅଭାବ ନାହିଁ ତଥା ରାଜନୀତିରେ କୌଶଳ ଓ କୁଟନୀତିରେ ଉପସ୍ଥିତ ବୃଦ୍ଧିର ଅଭାବ ନାହିଁ ।

ବର୍ତ୍ତମାନର ଶିକ୍ଷା ପ୍ରଣାଳୀରେ ନାରୀମାନଙ୍କୁ ଶିକ୍ଷିତା କରିବାର ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଯେଉଁଥିରେ କି ବିଶେଷ କରି ଅନୁସୂଚୀତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରୀମାନଙ୍କୁ ଶିକ୍ଷିତା କରିବା ପାଇଁ ସରକାରଙ୍କର ପ୍ରୟାସ । ଏହାକୁ ସମସ୍ତେ ସାଦରେ ଗ୍ରହଣ କରିବା ଉଚିତ୍ । ଏମାନଙ୍କର ଉନ୍ନତି ହେଲେ ସମାଜରେ ଉନ୍ନତି ହେବ ଏବଂ ସମାଜରୁ ବିଭିନ୍ନ ପ୍ରକାରର

କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂର କରାଯାଇପାରିବ। ଶିକ୍ଷିତା ନାରୀ ଅପେକ୍ଷା ନାରୀ ଅନ୍ଧ ବିଶ୍ୱାସକୁ ଅଧିକ ଗ୍ରହଣ କରେ । ତେଣୁ ଏମାନଙ୍କୁ ଶିକ୍ଷିତା କରାଇବା ଆମର ପ୍ରଧାନ ଦାୟିତ୍ୱ ଓ କର୍ତ୍ତବ୍ୟ।

ଅଶିକ୍ଷିତା ନାରୀ ଅପେକ୍ଷା ଶିକ୍ଷିତା ନାରୀ ଦେଶ ଓ ସମାଜର ପ୍ରତ୍ୟେକ ପ୍ରଗତିରେ ସାହାଯ୍ୟ କରିଥାଏ । ଉପଯୁକ୍ତ ଶିକ୍ଷା ଲାଭରେ ଯେ ଭାରତୀୟ ନାରୀ ଦେଶର ସର୍ବୋଚ୍ଚ ଶାସନ ଦୃଢ଼ ଭାବରେ ପରିଚ୍ଳନା କରିପାରେ ତାହା ଭାରତରେ ବର୍ତ୍ତମାନ ରାଷ୍ଟ୍ରପତି ଡ. ପ୍ରତିଭା ଦେବୀସିଂହ ପାଟିଲ, ସୁଲତାନ ରେଜିୟା, ରାଣୀ ଲକ୍ଷ୍ମୀବାଈ, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୀବନରେ ପ୍ରମାଣିତ ହୋଇସାରିଛି।

‘ଶିକ୍ଷା ହେଉଛି ନାରୀର ସୁରକ୍ଷା କବଚ’ । ଅନ୍ୟ କଥାକୁ ବିଶେଷ ଗୁରୁତ୍ୱ ନ ଦେଇ ପ୍ରତ୍ୟେକ ନାରୀଙ୍କୁ ଶିକ୍ଷିତା କରାଇଲେ ଦେଶ ଓ ଜାତିର ଉତ୍ତରୋତ୍ତର ଉନ୍ନତି ହେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

**ରାଜେନ୍ଦ୍ର କୁମାର ଜଗତ୍**
ପ୍ରଧାନ ଶିକ୍ଷକ
ଜମାଦାରପାଲି ଆଶ୍ରମ ସ୍କୁଲ, ସମ୍ବଲପୁର



# ସ୍ୱାସ୍ଥ୍ୟ ହିଁ ସମ୍ପଦ

ଦେହର ସୁସ୍ଥ ବା ନୀରୋଗ ଅବସ୍ଥାକୁ ସ୍ୱାସ୍ଥ୍ୟ କୁହାଯାଏ । ସ୍ୱାସ୍ଥ୍ୟ ଧନ, ରତ୍ନ ଭଳି ଏକ ସମ୍ପଦ । ସମ୍ପତ୍ତି ବିନା ମଣିଷ ଯେପରି ଦୁଃଖ ପାଏ, ସେହି ସ୍ୱାସ୍ଥ୍ୟରୂପକ ସଂପଦର ଅଭାବରେ ମଣିଷ ସେପରି ଦୁଃଖ, ଯନ୍ତ୍ରଣା କଷ୍ଟ ଭୋଗ କରେ । ସ୍ୱାସ୍ଥ୍ୟ ଠିକ୍ ଥିଲେ ଆମେ ଯେ କୌଣସି କାର୍ଯ୍ୟକୁ ସହଜରେ କରିପାରିବା । ସ୍ୱାସ୍ଥ୍ୟ ଭଲ ଥିଲେ ମନ ସର୍ବଦା ଆନନ୍ଦ ରହେ । କାମ କରିବାକୁ ମନରେ ଉତ୍ସାହ ଜନ୍ମେ । ସେଥିପାଇଁ ଆମେ ସର୍ବଦା ସ୍ୱାସ୍ଥ୍ୟ ରୂପକ ସଂପତ୍ତିର ଯତ୍ନ ନେବା ଦରକାର ।

ସ୍ୱାସ୍ଥ୍ୟ ହେଉଛି ମଣିଷର ସର୍ବଶ୍ରେଷ୍ଠ ସଂପଦ । ଦୁନିଆରେ ଟଙ୍କା, ସୁନା, ଘର, ଜମି ଆଦି ନାନାଦି ସଂପତ୍ତି ରହିଛି । ମାତ୍ର ସେ ସକଳ ସଂପତ୍ତି ଥାଇ ମଧ୍ୟ ଯଦି ସ୍ୱାସ୍ଥ୍ୟ ରୂପକ ସଂପତ୍ତି ନଥାଏ, ତେବେ ଜୀବନଟା ଦୁଃଖ ଓ ବେଦନାରେ ଭରିଯାଏ । ମଣିଷ ଚିର ଅଶାନ୍ତି ଭୋଗ କରେ । ଜଣେ ଧନୀ ଥାଇ ମଧ୍ୟ ଯଦି ସ୍ୱାସ୍ଥ୍ୟ ରୂପକ ସଂପତ୍ତି ନଥାଏ, ତେବେ ଜୀବନଟା ଦୁଃଖ ଓ ବେଦନାରେ ଭରିଯାଏ । ମଣିଷ ଚିର ଅଶାନ୍ତି ଭୋଗ କରେ । ଜଣେ ଧନୀ ଥାଇ ମଧ୍ୟ ଯଦି ସ୍ୱାସ୍ଥ୍ୟର ଯତ୍ନ ନେଇ ପାରିବ, ତେବେ ତା'ର ଜୀବନ ଆନନ୍ଦରେ କଟିଯିବ । ଧନ କେବେହେଲେ ଶରୀରକୁ ରୋଗମୁକ୍ତ କରି ପାରିବ ନାହିଁ । ମନ ଓ ଦେହ ଭଲ ଥିଲେ ଲୋକ ପରିଶ୍ରମ କରି ଟଙ୍କା ପଇସା ରୋଜଗାର କରିପାରିବ । ଆନନ୍ଦରେ ସମୟ କଟାଇ ପାରିବ । ମାତ୍ର ଧନ ସଂପତ୍ତି ଥାଇ ଦେହରେ ରୋଗ ଥିଲେ, ସେ କୌଣସି କାର୍ଯ୍ୟ କରିପାରିବ ନାହିଁ । ରୋଗ ଭଲ କରିବା ପାଇଁ ଟଙ୍କା ପଇସା ଖର୍ଚ୍ଚ କରିବାକୁ ପଡେ, ଫଳରେ ଧନୀଲୋକ ମଧ୍ୟ ସର୍ବସ୍ୱାନ୍ତ ହୋଇଥାଏ । ଏଣୁ ଏଥିରୁ ଜଣାଗଲା ଯେ ସ୍ୱାସ୍ଥ୍ୟ ଆମକୁ ଆନନ୍ଦ ଦିଏ । ତେଣୁ ସ୍ୱାସ୍ଥ୍ୟ ରୂପକ ସଂପଦ ଅର୍ଜନ କରିବା ସମସ୍ତଙ୍କର କାମ୍ୟ ।

ଉପଯୁକ୍ତ ଯତ୍ନ ନେଲେ ଯାଇ ମଣିଷ ଉତ୍ତମ ସ୍ୱାସ୍ଥ୍ୟର ଅଧିକାରୀ ହୋଇପାରିବ । ଦେହକୁ ନୀରୋଗ ଓ ସୁସ୍ଥ ରଖିବା ପାଇଁ ସାଧାରଣତଃ ନିର୍ମଳ ବାୟୁ, ଖାଦ୍ୟ, ବ୍ୟାୟାମ, ପରିଷ୍କାର ପରିଚ୍ଛନ୍ନତା ଓ ମନରେ ଶାନ୍ତି ଦରକାର । ଦେହ ଭଲ ରହିବ ବୋଲି ବହୁତ ଗୁଡ଼ାଏ ଖାଇଦେଲେ ଚଳିବ ନାହିଁ । ଠିକ୍ ସମୟରେ ଆବଶ୍ୟକ ପରିମାଣର ସୁଷମ ଖାଦ୍ୟ ଖାଇଲେ ତାହା ଶରୀରକୁ ସୁସ୍ଥ ଓ ବଳିଷ୍ଠ କରାଇଥାଏ । ତା' ଛଡ଼ା ଶରୀର ପାଇଁ ବ୍ୟାୟାମ ଦରକାର । ନିୟମିତଭାବେ ବ୍ୟାୟାମ କଲେ ଶରୀର ସୁସ୍ଥ ରହେ । ମନ ପ୍ରଫୁଲ୍ଲ ରହେ । କାମ କରିବାକୁ ଆଗ୍ରହ ଆସେ ଏବଂ ରକ୍ତ ପରିଷ୍କାର ରହେ, ଫଳରେ କୌଣସି ରୋଗ ସହଜରେ ଆକ୍ରମଣ କରେ ନାହିଁ । ଦେହକୁ ପରିଷ୍କାର ରଖିଲେ

କୌଣସି ଚର୍ମରୋଗ ହୁଏ ନାହିଁ । ଏଣୁ ଆମ୍ଭେମାନେ ଯେଉଁ ଘରେ ରହୁ, ଯାହା ପିନ୍ଧୁ, ଯେଉଁଥିରେ ଖାଉ ସେ ସବୁକୁ ଭଲଭାବେ ସଫା ସୁତୁରା ରଖିବା ଦରକାର ।

ସ୍ୱାସ୍ଥ୍ୟ ଆମ ଦେହର ପ୍ରହରୀ । ଏଣୁ ପ୍ରହରୀ ବିନା ଯେପରି ଧନ ସମ୍ପତ୍ତିକୁ ଦେହକୁ ଶତ୍ରୁ ସହଜରେ ଆକ୍ରମଣ କରେ, ସେହିପରି ସ୍ୱାସ୍ଥ୍ୟ ରୂପକ ପ୍ରହରୀ ବିନା ରୋଗ ରୂପକ ଶତ୍ରୁ ଆମ ଦେହକୁ ଆକ୍ରମଣ କରିବ । ଏଣୁ ପ୍ରତ୍ୟେକ ବ୍ୟକ୍ତି ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେବା ଏକ ଜରୁରୀ କର୍ତ୍ତବ୍ୟ । କେବଳ ସେତିକ ନୁହେଁ, ଅନ୍ୟମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ପ୍ରତି ସମସ୍ତେ ଧ୍ୟାନ ଦେବା ବିଧେୟ । ଲୋକମାନଙ୍କୁ ପରାମର୍ଶ ଦେଇ ସେମାନଙ୍କ ସ୍ୱାସ୍ଥ୍ୟରସୁରକ୍ଷା କରିବା ଆମର କର୍ତ୍ତବ୍ୟ ।

**ନରସିଂହ ପ୍ରଧାନୀ**
ଅଷ୍ଟମ ଶ୍ରେଣୀ
ସରକାରୀ (ମଙ୍ଗଳ ବିଭାଗ) ଉଚ୍ଚ ବିଦ୍ୟାଳୟ
ଦେବୀଘାଟ, କୋରାପୁଟ



**ଶିପି ଓରାମ୍**
ଷଷ୍ଠ ଶ୍ରେଣୀ
ସରକାରୀ ବାଳିକା ବିଦ୍ୟାଳୟ, ବାସୁଦେବ ପୁର

# ଦେଲି ଯେବେ ପଚାରି
# କହ ଏବେ ବିଚାରି



(୧) ଅତନ କଲି,
ମତନ କଲି,
ଖାଇ ନ ପାରି
ଫୋପାଡ଼ି ଦେଲି ।

(୨) ଏକ ବୃକ୍ଷ ତା'ର
ମୁନିଙ୍କ ନାମ,
ଅଧା ଜହ୍ନ ପରି
ଫୁଟେ କୁସୁମ,
ବରଷରେ ମାସେ
ତା'ର ଆଦର,
କେଉଁ ବୃକ୍ଷ ସିଏ
ବିଚାର କର ।

(୩) ଇଞ୍ଜଳ ମିଞ୍ଜଳ,
ପାଣି ଛଳଛଳ,
ପାଣିରେ ଖେଳୁଛି ସାପ;
ସାପର ମୁଣ୍ଡରେ,
କଇଁ ଫୁଟିଅଛି,
କହିଦେବୁ କିରେ ବାପ ।

(୪) ଗିଜିରି ଗିଜା,
ମପାମପି ବେଳେ
ପଡ଼ଇ ଖୋଜା,
କାମ ସରିଗଲେ
ପିଠିରେ ପୂଜା ।

(୫) ଗଛ ତା'ର ମେରୁ ମନ୍ଦର
ପତର ତାହାର ଥାଳି,
ଫୁଲ ତା'ର ଶ୍ୟାମ ସୁନ୍ଦର
ଫଳଟି ଦିଶଇ କାଳି ।

(୬) ଚାରିଗୋଟି ଗୋଡ଼ ତା'ର
ପାରୁନାହିଁ ଚାଲି,
ଦୁଇଗୋଟି ହାତ ତା'ର
ପାରୁନାହିଁ ଖୋଲି ।

(୭) ଚୂନ ଘରକୁ
ଦେଲି ଚାହିଁ,
କୋଉଠି ହେଲେ
ବାଟ ନାହିଁ ।

(୮) ଓଲ ଗଛରେ ପୋଲ,
ଏକା ଗଛରେ ତିନି ପରିବା
ଖାଇବା ଖାଇବା ବୋଲ ।

(ସମ୍ପାଦନା ବିଭାଗ)

ଉତ୍ତର : (୫୧ ପୃଷ୍ଠାରେ)

# ଦଶମ ଫେଲ୍ ଭାଲୁ

ବହୁ ବର୍ଷ ପୂର୍ବେ ଗୋଟିଏ ଭାଲୁ ଦଶଥର ପରୀକ୍ଷା ଦେବା ସତ୍ତ୍ୱେ ଫେଲ୍ ହୋଇଥିଲା । ଭାବିଥିଲା ପରୀକ୍ଷାରେ ପାସ କରିଗଲେ ଭଲପ୍ୟାଣ୍ଟ୍ ସାର୍ଟ ହଳେ ତିଆରି କରିବ । ନୂଆ ପୋଷାକ ପିନ୍ଧି ସହରକୁ ଯିବ । ସେଠାରେ ଦଶମ ଶ୍ରେଣୀ ପାସ ସାର୍ଟିଫିକେଟ୍ ଦେଖାଇ କୌଣସି ଏକ ସର୍କସରେ ଚାକିରି କରିବ । ସର୍କସରେ ବିଭିନ୍ନ ଢଙ୍ଗରେ ଧୂମ୍ ନାଚିବ । ତା' ନାଚ ଦେଖି ସବୁ ଦର୍ଶକ ତା'ର ବେଶ୍ ପ୍ରଂଶସା କରିବେ । ମାଲିକ ତାକୁ ଖୁସିରେ ବହୁତ ଟଙ୍କା ପ୍ରଦାନ କରିବେ । ସେ ବହୁତ ଟଙ୍କା ରୋଜଗାର କରିବ । ସେ ଖୁସିରେ ବିଲୁଆ ନନା ଘରକୁ ଯାଇଥିଲା । ଜଣେ ନାମକରା ଦର୍ଜୀ ଭାଲୁ ନିକଟରେ ହଳେ ପୋଷାକ ସିଲେଇ କରିବା ପାଇଁ ସେ କହିଦେଇ ଥିଲା । କିନ୍ତୁ ଭାଲୁର ଦୁର୍ଭାଗ୍ୟ ସେ ପରୀକ୍ଷାରେ ଫେଲ୍ ହୋଇଗଲା । ସର୍କସରେ ତା ନାଚିବା ସ୍ୱପ୍ନଟି ଭାଙ୍ଗିଗଲା । ସେ ମନ ଦୁଃଖରେ କେବଳ ଗାଆଁରେ ବସି ରହିଲା । ହଠାତ୍ ଦିନେ ତା ସହିତ ଜଣେ ମଦାରୀର ଦେଖା ହେଲା । ମଦାରି ଭାଲୁର ନାଚ ତା'ର ପ୍ରଥମ ପସନ୍ଦ ବୋଲି କହିଲା । ପରେ ପରେ ତାକୁ ସୁନ୍ଦର ପ୍ରସ୍ତାବ ଟେ ଦେଲା । ଭାଲୁ ରାଜି ହୋଇଗଲେ ସେ ତାକୁ ନେଇ ସହରରେ ରାସ୍ତାକଡ଼ରେ ନଚେଇବ । ଭାଲୁ ତା ନାଚ ଦେଖେଇ ଯଥେଷ୍ଟ ପଇସା ପାଇବ । ମଦାରି ଭାଲୁକୁ ବୁଝେଇଲା । ନାଚିବା ଭାଲୁର ସ୍ୱଭାବ ଅଟେ । ତେବେ ଏହି ସଉକ ପାଇଁ ସ୍ଥାନର ପ୍ରଭେଦ ଖୋଜିବା ଉଚିତ୍ ନୁହେଁ । ସେ ସର୍କସରେ ନାଚିଥାନ୍ତା । ଏଇଲେ ରାସ୍ତାକଡ଼ରେ ନାଚିବ । ନାଚିବା ଜାଗାରେ ଫରକ୍ ରହିଥାଏ । କିନ୍ତୁ ନାଚିବାରେ ମୋଟେ ତଫାତ୍ ରହିବନି । ତଥାପି ଭାଲୁଟି ପ୍ରତିବାଦ କଲା । ମଦାରିକୁ ରୋକ୍‌ଠୋକ୍ ଶୁଣାଇଦେଲା ଯେ ରାସ୍ତାକଡ଼ ନାଚିବା ଓ ସର୍କସରେ ନାଚିବା ଭିତରେ ବହୁତ ଫରକ ଅଛି । ରାସ୍ତା କଡ଼ରେ ତ ଅନେକ ଅସନା ଆବର୍ଜନା । ସେଠାରେ ତତଲା ଆକାଶର ମୁଣ୍ଡ ଫଟା ଉତ୍ତାପ । ଖୋଲା ଜାଗାରେ ଲୋକଙ୍କ ସାମ୍ନାରେ ନାଚିବାଟା ଇଚ୍ଛା ବାହାରେ । କିନ୍ତୁ ସର୍କସର ରିଙ୍ଗ୍‌ଟା ଭାରି ସଫା । ସେଠାରେ ନାଲି ନେଳିରଙ୍ଗର ଆଲୋକର ଶୀତଳ ପରିବେଶ । ପୁଣି ଜାଗାଟି ନିହାତି ମର୍ଯ୍ୟାଦାପୂର୍ଣ୍ଣ । ସେଠାରେ ନାଚିବାକୁ ଖରାପ ଲାଗିବ ନାହିଁ । ମଦାରି ନିରାଶ ହୋଇ ଫେରିଯାଉଥିଲା । କିନ୍ତୁ ଭାଲୁଟା ଦଶମ ଶ୍ରେଣୀରେ ପାସ କରିବା ପାଇଁ ତା ଚେଷ୍ଟାକୁ ଜାରି ରଖି ଥିଲା । ତେଣୁ ସେ ପୁଣି ଦଶମଶ୍ରେଣୀ ପରୀକ୍ଷା ଦେଲା । ପରୀକ୍ଷାରେ ପାସ୍ ମଧ କଲା । ସେ ପୁଣି ସର୍କସରେ ନାଚିବାର ସ୍ୱପ୍ନ ଦେଖିଲା । ତେଣୁ ବରାଦଦେଇଥିବା ପୋଷାକ ଆଣି ପୁଣି ପିନ୍ଧିଲା । ପକେଟ୍‌ରେ ଦଶମ ଶ୍ରେଣୀର ସାର୍ଟିଫିକେଟକୁ ସାଇତି ରଖିଲା । ଭାଲୁ ମହାଶୟ ବର୍ତ୍ତମାନ ସହର ଅଭିମୁଖେ ବାହାରିଛନ୍ତି । ସର୍କସରେ ଗୁକିରିଟିଏ ପାଇବେ ବୋଲି ଲକ୍ଷ୍ୟ ରଖିଛନ୍ତି ।

**କୁମାରୀ ନିରୁପମା ଗମିଆ**
ସୁଲେଇପାଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଦଶମ ଶ୍ରେଣୀ



# କୁତୁକୁତୁ କଥା





ଟୁକୁନା : ଆଚ୍ଛା, ପହେଲ୍‌ମାନ୍ ଭାଇ ତୁମେ କେତେଜଣ ଲୋକଙ୍କୁ ଉଠେଇ ପାରିବ ?

ପହେଲ୍‌ମାନ : ଅତି କମ୍‌ରେ ଦଶଜଣଙ୍କୁ ।

ଟୁକୁନା : ଯାଃ, ତା'ହେଲେ ମୋ କୁକୁଡ଼ା ତମଠୁ ଟାଣୁଆ ।

ପହେଲ୍‌ମାନ୍ : କେମିତି ?

ଟୁକୁନା : ସେ ତ ପ୍ରତିଦିନ ସକାଳୁ ଗାଁଟା ଯାକର ଲୋକଙ୍କୁ ଉଠେଇ ପାରୁଛି ।



ଶିକ୍ଷକ : ଦାମ, ତୋ ଲେଖା, ରାମର ଲେଖା ସମାନ ହେଲା କିପରି ?

ଦାମ : ସାର୍, ଆମକୁ ଗାଈ ଉପରେ ରଚନା ଲେଖିବାକୁ କୁହା ହୋଇଥିଲା ।

ଶିକ୍ଷକ : ହେଲେ ତୋ' ରଚନା ରାମର ରଚନା ଏକା ହେଲା କେମିତି ?


ରାମ : ସାର୍ ଦାମର ଏଥିରେ କିଛି ଭୁଲ୍ ନାହିଁ । ଆମେ ଦୁଇ ଜଣ ସେଇ ଏକା ଗାଈ ଉପରେ ରଚନା ଲେଖିଛୁ ।



# କୁତୁକୁତୁ କଥା








ରୋଶନ୍ : ମଳୟ, ତୁ କେଉଁ ସାବୁନ୍ ବ୍ୟବହାର କରୁଛୁ ?

ମଳୟ : କାହିଁକି, ମୁଁ ନିତି ଆଲୋକ ସାବୁନ୍ ବ୍ୟବହାର କରେ।

ରୋଶନ୍ : ସେଇଟା, କ'ଣ ଗୋଟେ ନୂଆ କମ୍ପାନୀର ସାବୁନ୍ ? ମୁଁ ତ କାଇଁ ସେ ସାବୁନ୍ ନାଁ ଶୁଣିନି ?

ମଳୟ : ନାଇଁ ନାଇଁ, ଆଲୋକ ମୋର ହଷ୍ଟେଲ୍ ସାଙ୍ଗ । ଆମେ ଏକା କୋଠରିରେ ରହୁ।



ଶିକ୍ଷକ : ପିଲାମାନେ କହିଲ ଦେଖି, କୋଉ ଜିନିଷ ଅଧିକ ନିଶା କରେ ?

ଜଣେ ଛାତ୍ର : ସାର୍ ବହି ।

ଶିକ୍ଷକ : କେମିତି ? ପ୍ରମାଣ କଲ।

ଛାତ୍ର ଜଣକ : ସାର୍, ବହି ଧରୁ ଧରୁ ମତେ ନିଦମାଡ଼ି ଆସେ।

(ସମ୍ପାଦନା ବିଭାଗ)



ପ୍ରଶାନ୍ତ କୁମାର୍ ନାଏକ
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, କେଉଁଝର

## ବଳ ତ ବଳ ବୁଦ୍ଧି ବଳ

ଖରାଦିନ । ଠେକୁଆ ମୁନ୍ଦିଏ ପାଣି ପିଇବା ଲାଗି ପାହାଡ଼ି ନଈ ସୁଅରେ ମୁହଁ ଲଗେଇଛି କି ନାହିଁ, ବାଘର ହେଣ୍ଟାଳ ତା' କାନରେ ବାଜିଲା । ଆଗେ ପ୍ରାଣ, ତା' ପରେ ଆଉ ଯାହା । ଠେକୁଆ ଜୀବନ ବିକଳରେ ପଳେଇଲା । ବାଘ ତା' ପିଛା ଧରିଲା । ପଦର ଜାଗା, ବାଘ ଖେପାକେ ବାର ହାତ ଲେଖାଏଁ ଡେଇଁଲା । ଠେକୁଆ ଆଉ କେତେ ଧାଇଁବ ? ଗୋଟାଏ ଗାତରେ ପଶିଗଲା । ବାଘ, ଗାତ ମୁହଁରେ ଜଗି ବସିଲା - ଠେକୁଆ ପଦାକୁ ବାହାରିଲେ ଘାଉଁକିନା ମାଡ଼ିବସି ଖାଇବ ।

ସେଇଟା ପ୍ରକୃତରେ ବିଲୁଆ ଗାତ । ବିଲୁଆ ତା' ଭିତରେ ନିଘୋଡ଼ ନିଦରେ ଶୋଇଥିଲା । ଗ୍ରଉଁକିନା ତା' ନିଦଟା ଭାଙ୍ଗିଗଲା । ସେ ଝାଡ଼ିଝୁଡ଼ି ହୋଇ ଉଠିଲା - କ'ଣଟାଏ ପଶିଲାରେ ? ସାପ ଫାପ ନୁହଁ ତ ?

ହେଲେ ଠେକୁଆକୁ ଦେଖି ଭାବିଲା, ବାଃ କି ମଜା । ଭଗବାନ୍ ଦୁଆରେ ଆଣି ବଢ଼ିଆ ଆହାର ପହଞ୍ଚେଇ ଦେଇଛନ୍ତି, ପୁଣି ମୁହଁ ପାଖରେ । ଆଜି ଆଉ କେଉଁଆଡ଼େ ଯିବାକୁ ପଡ଼ିବନି ।

ଠେକୁଆର ଏଣେ ପିଳେହି ପାଣି । ଭାବିଲା - ମରିବା ଯୋଗ ଥିଲେ କେହି ରଖିପାରିବେ ନାହିଁ । ବାଘ ମାରିଥାନ୍ତା, ନହେଲେ ବିଲୁଆ ମାରିବ । କୁଆଡ଼େ ପଳେଇବାକୁ ଆଉ ବାଟ ନାହିଁ । ହେ ପ୍ରଭୁ ! ହେ ମା' ! ହେ ଜଙ୍ଗଲ ମା' ପିତେଇଶୁଣୀ ! !

କ'ଣ କରିବ କ'ଣ କରିବ ହେଉଛି, ହଠାତ୍ ଠେକୁଆକୁ ଗୋଟେ ବୁଦ୍ଧି ଦିଶିଲା । ସେ ବିଲୁଆ ପାଦତଳେ ପଡ଼ିଯାଇ କହିଲା - ମତେ ବଣ ଜନ୍ତୁମାନେ ପଠେଇଛନ୍ତି । ସମସ୍ତଙ୍କ ଇଚ୍ଛା ଛାମୁ ରାଜା ହୁଅନ୍ତୁ । ହାତୀ ସିନା ବଳୁଆ ହେଲେ ବୋକାଟା, ବାଘଟା ହିଂସୁକୁଟିଆ, ଭାଲୁ ତ ନିତି ଜରରେ ସଅଁ ସଅଁ, ଗଣ୍ଡା ଖୁବ୍ ବଦ୍‌ରାଗୀ । ସମସ୍ତେ ବିଗ୍ଭର କରି କହିଲେ - ବିଲୁଆ ଆଜ୍ଞାଙ୍କ ପରି କେହି ଏମିତି ବୁଦ୍ଧିଆ ନାହାନ୍ତି । ବଳ ତ ବୁଦ୍ଧିବଳ । ତେଣୁ ଆପଣଙ୍କୁ ରାଜା କରିବା ଲାଗି ବଣଜନ୍ତୁଯାକ ମତେ ଦୂତ କରି ପଠେଇଛନ୍ତି ।

ବିଲୁଆ ଠେକୁଆ କଥା ଶୁଣି ଖୁସିଟାଏ ହୋଇଗଲା । ଭାବିଲା ଏ ପୃଥିବୀରେ ରାଜା କେତେଜଣ ହୁଅନ୍ତି ? ଯାହାର ଭାଗ୍ୟ ସେମିତି ସଳଖ ଥାଏ, ସେଇ ଏକା ରାଜା ହୁଏ । ରାଜାର ବଡ଼ ପୁଅ ହେଇଥିଲେ ରାଜା, ନ ହେଲେ ଭାଗ୍ୟବଶକୁ ରାଜକଳା ଦେହରେ ଥିଲେ ଜଣେ ରାଜା ହୋଇପାରେ । ମୁଁ ତ କିଛି ଖୋଜି ଲୋଡ଼ି ଯାଇନଥିଲି, ଏ ରାଜାପଣ ଆପେ ଆସି ମୋ ପାଦତଳେ ପଡୁଚି । ସିଂହାସନ ଆଗରେ, ନ ବସିବି କାହିଁକି ? ତେଣୁ ଠେକୁଆକୁ କହିଲା - ହଉ ତେବେ ଠିକ୍ ଅଛି, ଆଗେ ଗ୍ଭଲ୍ ।

ଠେକୁଆ ଚଟ୍‌କିନା କହିଲା - ହଜୁର୍ ରାଜା ହେବେ । ଆଗରେ ଛାମୁଁ ଗଲେ ଶୋଭା ପାଇବ ।

ମୁଁ ଛୋଟିଆ ଲୋକ । ଛାର, ଗୁକର । ମୁଁ ଟା ଗୋଡ଼ାଣିଆ । ଛାମୁ ଆଗେ ଆଗେ ଗଲେ ମୁଁ ପଛେ ପଛେ ଯିବା ସିନା ସୁନ୍ଦର ।

ବିଲୁଆ, ଠେକୁଆର ଏ ମାନ୍ୟଧର୍ମ ଦେଖି କହିଲା - ମୁଁ ତୋ' ମୁଣ୍ଡରେ ମନ୍ତ୍ରୀର ଶିରିପା ବାନ୍ଧି ଦେବି । ତୁ' ପଛେ ପଛେ ଆ' । ଯା କହି ବିଲୁଆ ଯେମିତି ପଦାକୁ ବାହାରିଛି, ବାଘ ତା'କୁ ଏକା ଖେପାକେ ମାଡ଼ି ବସିଲା, ତା' ତଣ୍ଟି କଣାକରି ପ୍ରାଣ ନେଇଗଲା ।

ଠେକୁଆ ସବୁ ଜାଣିଲା । ଏଣିକି ସେ ଗାତ ତା'ର । ମହା ଖୁସିରେ ସେଇ ଦିନଠୁ ଠେକୁଆ ସେଇଠି ରହି ତା' କାମ କଲା । ବିଲୁଆ ଖତମ୍, ବାଘ ତା' ବାଟରେ ବଣକୁ ପଳେଇଲା ।

(ଆମ ଓଡ଼ିଶା ଭୂଇଁରେ ଏମିତି ଅସଂଖ୍ୟ ଲୋକକଥା ଭରି ରହିଛି । ସେସବୁ କଥାରେ ମଜା ମଜା ବଖାଣ ସହିତ ଅନେକ ଶିକ୍ଷଣୀୟ କଥା ମଧ୍ୟ ଭରପୂର ଅଛି । ଏ ଗଳ୍ପଟିକୁ ଡ. କୁଞ୍ଜବିହାରୀ ଦାଶଙ୍କ ସଂଗୃହୀତ 'ଲୋକଗଳ୍ପ ସଞ୍ଚୟନ'ରୁ ଉଦ୍ଧାର କରି ଏଠାରେ ଦିଆଯାଇଛି ।)

(ସମ୍ପାଦନା ବିଭାଗ)



**୪୫ ପୃଷ୍ଠାର ଉତ୍ତର**

୧. ଦାନ୍ତକାଠି, ୨. ଅଗସ୍ତି, ୩. ଜଳନ୍ତା ଦୀପ, ୪. ନଉତି, ୫. ତାଳ, ୬. ଚଉକି, ୭. ଅଣ୍ଡା, ୮. କଦଳୀ ଗଛ

# ଆଗଗଛ ଆଉସବୁ ପଛ



ଦୂବ ଘାସଠାରୁ ପୃଥିବୀରେ ଅଛି
ଯେତେ ସାନ ବଡ଼ ଗଛ,
ଆଗ ଲୋଡା ହୁଏ ମଣିଷଠୁ ପଶୁ
ଆଉ ଯେତେ ସବୁ ପଛ ।।୧।।

ମନେକର ଯଦି ଧରାରେ ନଥାନ୍ତା
ଛୋଟ ବଡ଼ ସବୁ ଗଛ,
ଚାରିଆଡ଼େ ଖାଲି ଦିଶନ୍ତା ଆମକୁ
ମରୁବାଲି ପରି ତୁଚ୍ଛ ।।୨।।



ଗଛ ଦିଏ ବସ୍ତ୍ର, ଗଛ ଦିଏ ଖାଦ୍ୟ
ଘରକୁ ଆଣଇ କାଠ,
ଶଗଡ଼, ଲଙ୍ଗଳ, ଝରକା, କବାଟ
ଚଉକି, ଟେବୁଲ, ଖଟ ।।୩।।

ସବୁଜ ଜଙ୍ଗଲ କରଇ ବରଷା
ବରଷାରେ ହୁଏ ଚାଷ,
ଚାଷ ପାଇଁ ସିନା ବଞ୍ଚିବା ଆମେରେ
ଗଢ଼ିବା ଜୀବନ ବାସ ।।୪।।

**କୁମାରୀ ଚମ୍ପା କୁଙ୍କଲ**
ଅଷ୍ଟମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ରେବଣା ପଳାଶପାଳ, କେନ୍ଦୁଝର

# ଦାନ୍ତ ଓ ଆଖିର ଯତ୍ନ

ବୁଧବାରର ସଭା ଆରମ୍ଭ ହେବା ମାତ୍ରେ ଅରୁଣ ବାବୁ ପଚାରିଲେ ଆରେ ପିଲାଏ, ଆମେ ଗତଥର କେଉଁ ବିଷୟରେ ଆଲୋଚନା କରିଥିଲେ ? ସ୍ୱପ୍ନା ଉତ୍ତର ଦେଲା, ସାର୍, ଆପଣ ପରା ପାଟି, ଦାନ୍ତ ଓ ଜିଭକୁ ସଫା ରଖିବା ବିଷୟରେ ପରାମର୍ଶ ଦେଇଥିଲେ । ପୁଣି କହିଥିଲେ ଯେ ଦାନ୍ତ ପୋକ ଲାଗିବା, ଧାରଣାଟା ପୁରାପୁରି ଭୁଲ । ବାଃ, ସ୍ୱପ୍ନା ତ ଠିକ୍ ମନେ ରଖିଛି । ଆଚ୍ଛା, କହିଲ ସ୍ୱପ୍ନା, ପାଟି ଦାନ୍ତ ଓ ଜିଭକୁ ଛାଡ଼ି ଆମ ମୁହଁରେ ଆଉ କ'ଣ କ'ଣ ରହିଛି ? ସାର୍, ଏଗୁଡ଼ିକୁ ଛାଡ଼ିଦେଲେ ମୁହଁରେ ରହିଛି ଆଖି, କାନ ଆଉ ନାକ । ଚର୍ମ ବି ରହିଛି । ହେଲେ, ଚମଡ଼ା ଘୋଡ଼େଇ ରଖିଛି ପୂରା ଦେହଟାକୁ । ବାସ୍ ଆଜି ତୁମକୁ ଆଖି, କାନ ଆଉ ନାକର ଯତ୍ନ ନେବା ବିଷୟରେ କହିଦେବି, ସମୟ ହେଲେ କହିବି ଚର୍ମର ଯତ୍ନ ନେବା ବିଷୟରେ । ସମୟ ନ ହେଲେ କହିବି ଆର ଥରକୁ । ଟିକିନା ପଚାରିଲା, ସାର୍, ଆଖି ଦୁଇଟିକୁ କେମିତି ସଫା ରଖିବୁ ? ତା'ର କେମିତି ଯତ୍ନ ନେବୁ ? ଶିକ୍ଷକ, ଅରୁଣ ବାବୁ କହିଲେ-ସକାଳୁ ଉଠି ଆଖି ଦୁଇଟିକୁ ପାଣିରେ ଧୋଇ ଦେବ । ପ୍ରତି ଆଖିର ଦୁଇ କୋଣରୁ ଲେଞ୍ଜରା ସଫା କରିଦେବ । ଲେଞ୍ଜରାରେ ଲାଗି ରହିଥାଏ ଧୂଳିମଳି ଓ ନାନା ପ୍ରକାର ଜୀବାଣୁ । ତେଣୁ ମନେ ରଖିବ ଯେ ଲେଞ୍ଜରାକୁ ଆଙ୍ଗୁଠିରେ ଆଣି ନିଜ ପୋଷାକପତ୍ର କି ଲୁଗାପଟାରେ ବୋଳିବନି । ଆଖିରେ ଧୂଳିମଳି କି ପୋକ ପଡ଼ିଲେ ଆଖିକୁ ଜମା ରଗଡ଼ିବନି । ଆଖିଝଲସିଆ ଆଲୁଅରେ ପଢ଼ିବନି କି ସୂର୍ଯ୍ୟ ଉଦୟ ଓ ସୂର୍ଯ୍ୟ ଅସ୍ତ ହେବା ବେଳକୁ ଛାଡ଼ିଦେଲେ ଟାଣଖରା ସମୟରେ ସୂର୍ଯ୍ୟଙ୍କୁ ଚାହିଁବନି । ଆଉ ଗୋଟିଏ କଥା କହିରଖୁଛି ଯେ, ବହିଖାତାକୁ ଆଖିର ଅତି ନିକଟକୁ ଆଣି କିମ୍ବା ରଖି ପଢ଼ାପଢ଼ି କରିବନି ।

**କୁମାରୀ ସୁକାନ୍ତୀ ମାଝୀ**
ସପ୍ତମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ରେବଣାପଳାଶପାଳ








**ସୁନା ବାଏ**
ଅଷ୍ଟମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଚୁଡ଼ାପଲ୍ଲୀ, ବଲାଙ୍ଗୀର



**ଲୁକେଶ ମଲ୍ଲିକ**
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, କୋଣାର୍କ

# ବାକ୍‌ନା (ଧନ୍ଦା)


**ଗଟେ ପିଲା ପୁଟେକ୍ କସ୍ଥ । (ପନ୍‌ସ)**
ଗୋଟିଏ ପିଲାର ପୁଟିଏ ଘା' । (ପଣସ)




**କୋଟ୍ ଉଡୁ ଭୁରୁଷା ନାକା**
**ଫୁପୁ ଗାଏଁ ବଡ଼େ ଦାକା । (ଜନା)**
କୋଟ୍ ପିନ୍ଧା ମୋଟା ନାକା
ପୋଡ଼ି ଖାଇଲେ ବଡ଼ ଅବସ୍ଥା । (ମକା)



ମୁଟେକ୍ ଖାଇସି
ଉପରେ ଦେଖିସି । (ଢ଼େକି)
ମୁଠେ ଖାଏ
ଉପରକୁ ଦେଖେ । (ଢ଼ିଙ୍କି)




ଖାଇତେ ରଇସି
ଅଗ୍‌ତେ ରଇସି । (ଜାତା)
ଖାଉଥାଏ
ହଗୁଥାଏ । (ଚକି)



ତିନି ଭାଇ ତିନିକିତିନା
ଗୋଟେକ୍ ଭାଇ ସବକେଜିନା । (ଡୁଡୁବୁଡ଼ି)
ତିନି ସମାନ ତିନି ଭାଇ
ସଭିଁଙ୍କୁ ଜିଣେ ଗୋଟିଏ ଭାଇ (ଡୁଡୁବୁଡ଼ି ବାଜା)



ଚୁନ୍ ଗରେ ବାଟ୍ ନାହିଁ (ଗାର୍)
ଚୁନ ଘରେ ବାଟ ନାହିଁ । (ଅଣ୍ଡା)



ଖେପ୍‌ଲା ଅତେ
ଗିଲେ ନାଇଁ । (ବେଲି)
ଖାଲଟି ପିନା
ଗିଲି ନାହିଁ । (ଝୁଷ)




ଟେଙ୍ଗା ଡକ୍‌ରୀ
ହୁଏଁ କନା । (ଶିକା)
ଡେଙ୍ଗା ବୁଢ଼ୀର
ପଛରେ କଣା । (ଛିକା)



ମା ସୁନ୍ଦ୍‌ରୀ
ଝି ଗୁବ୍‌ରୀ (ମରିସ୍)
ମା ସୁନ୍ଦରୀ
ଝିଅ ଅସୁନ୍ଦରୀ । (ମରିଚ)



ଆଇତେ ଗୁପଡେକ୍
ଯାଇତେ ଗୁପଢେକ୍ । (କପାଟ୍)
ଆସିଲେ ଗୁପୁଢ଼ାଏ
ଗଲେ ଗୁପୁଢ଼ାଏ । (କବାଟ)



(ସମ୍ପାଦନା ବିଭାଗ)

## ଡାମରା କାଉ



କା'କା' କରି ରାବଇ କାଉ,
କାଉ ରାବିଦେଲେ ଉଠଇ ବୋଉ।
ବୋଉ ହାତ ଗଢ଼ା ଆରିସା ଖଜା,
ଖାଇବାକୁ କେତେ ଲାଗଇ ମଜା।
ମଜା, ଲାଗେ ଯେବେ ନାଚେ ମୟୂର,
ମୟୂର ପୁଚ୍ଛଟି, କେତେ ସୁନ୍ଦର।
ସୁନ୍ଦର କି ହେବ ଗୁଣ ନଥାଇ,
ଲାଭ କିଛି ଅଛି କହରେ ଭାଇ ?

**କୁମାରୀ ଲଳିତା କିସ୍କୁ**
ଅଷ୍ଟମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ରେବଣା ପଳାଶପାଳ, କେନ୍ଦୁଝର

## ରଘୁନାଥ ମୁର୍ମୁଙ୍କ ପାଇଁ ପଦେ

ତୁମେ ଫୁଟିଥିଲ ଏ ଧରା ଉପରେ,
ହସ ଫୁଟାଇଲ ସାନ୍ତାଳୀ ମନରେ।
ଆମରି ଜାତିଟି ଥିଲା ଅତି ତଳେ,
ଅଗ୍ରଗତି ହେଲା ତୁମ୍ଭ ଚେଷ୍ଟା ବଳେ।
ସାନ୍ତାଳୀ ଭାଷାର ଅକ୍ଷର ଲେଖିଲ,
ଜାତିକୁ ଆମର ସମ୍ମାନ ଦେଲ।
ଅଜଣା ଥିଲା ଆମରି ଜାତି,
ସମ୍ବିଧାନ ତାକୁ ଦେଲାଣି ସ୍ୱୀକୃତି।
ଧନ୍ୟ ଧନ୍ୟ ଅଟ ତୁମେ ରଘୁନାଥ,
ତୁମେ ଆଜି ହେଲ ଆମ ଜାତି ନାଥ।
ବାଲ୍ୟ କାଳେ ଥିଲ ତୁମ୍ଭେ ଚୁନୁମୁର୍ମୁ,
ବିଖ୍ୟାତ ହୋଇଲ ଏବେ ରଘୁନାଥ ମୁର୍ମୁ।

**କୁମାରୀ ସାବନ୍ତୀ ମାଝୀ**
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ସୁଲେଇପାଟ

# ଆଦିବାସୀଙ୍କ ଦୁଃଖ ଘୁଞ୍ଚିଲା

ଆଦିବାସୀ ପଲ୍ଲୀଟିଏ ଥିଲା । ତା'ର ନାମ ଉଚ୍ଚବାଲି । ସେ ଗ୍ରାମରେ ଚଳିବା ପାଇଁ ବହୁତ ଅସୁବିଧା ହେଉଥିଲା । ଗାଁର ଲୋକ କିନ୍ତୁ ବହୁତ ପରିଶ୍ରମୀ ଥିଲେ । ସେମାନେ ଅନ୍ୟକୁ ଦେଇ ଜାଣନ୍ତି କିନ୍ତୁ ନେଇ ଜାଣନ୍ତି ନାହିଁ । ସେ ଗାଁରେ ବିଦ୍ୟୁତ୍ ଏବଂ ଜଳର ସୁବିଧା ନଥିଲା । ଉଚ୍ଚବାଲି ଗ୍ରାମର ଲୋକେ ଅନ୍ୟ ଗ୍ରାମକୁ ଗଲେ ଲୋକମାନେ କିଛି କହନ୍ତି ନାହିଁ । ସେମାନେ କାହାରିକୁ ଶତ୍ରୁ ଦୃଷ୍ଟିରେ ଦେଖନ୍ତି ନାହିଁ । ସେମାନେ ପରସ୍ପର ଭିତରେ ସୁସମ୍ପର୍କ ରଖିବା ପାଇଁ ଚେଷ୍ଟା କରନ୍ତି ।

ଥରେ ସେ ଗ୍ରାମରେ ଭୟଙ୍କର ଘୂର୍ଣ୍ଣିବାତ୍ୟା ହେଲା । ବାତ୍ୟା ଲୋକମାନଙ୍କୁ ଭସାଇ ନେଲା କିନ୍ତୁ ସରକାରଙ୍କ ଦୃଷ୍ଟି ସେଥିରେ ପଡ଼ିଲାନି । ଆଦିବାସୀ ଲୋକମାନେ କିଛି କହିଲେ ନାହିଁ । କାରଣ ସେମାନେ ଜାଣି ଥିଲେ କେହି ତାଙ୍କ ଗୁହାରି ଶୁଣିବେ ନାହିଁ । କାରଣ ସେମାନେ ଆଦିବାସୀ । ତେଣୁ ସେମାନଙ୍କ ଗ୍ରାମରେ ଯେତେ ଭୟଙ୍କର ଦୁର୍ଘଟଣା ଘଟିଲେ ବି ସେମାନେ କାହାରିକୁ ତାଙ୍କର ଦୁଃଖ ବାଣ୍ଟିଲେ ନାହିଁ । ଉଚ୍ଚବାଲିର ସରପଞ୍ଚ ଶ୍ରୀମତୀ ସରସ୍ୱତୀ ଦେବୀ ମଧ୍ୟ ଜଣେ ଆଦିବାସୀ । ସେହି ଗ୍ରାମର ମୁଖ୍ୟ ଥିଲେ ୱାର୍ଡ଼ ମେମ୍ବର ବାସୁଦେବ ପଲେଇ । ସେ ପରୀକ୍ଷା କରି ଜାଣିବାକୁ ଚେଷ୍ଟା କରିଥିଲେ ଆଦିବାସୀଙ୍କର ବଳ କେତେ । ଆଦିବାସୀମାନେ ତାଙ୍କ ଗ୍ରାମରେ ଜଳବିଦ୍ୟୁତ୍ ନାହିଁ ବୋଲି କଦାପି ଦାବି କରିପାରି ନଥିଲେ । କିନ୍ତୁ ତାଙ୍କର ଗୋଟିଏ ଚିନ୍ତା ଥିଲା କିପରି ଆମ ପଲ୍ଲୀରେ ଜଳ ଆସିବ । ତେଣୁ ସେମାନେ ବାଧ୍ୟ ହୋଇ ୱାର୍ଡ଼ମେମ୍ବରଙ୍କ ପାଖକୁ ଗଲେ ଏବଂ ଅନେକ କାକୁତି ମିନତି କଲେ । କିନ୍ତୁ ଏ କାର୍ଯ୍ୟରେ ବିଫଳ ହେଲେ । ସେମାନେ ନିଜେ ଗାଁର ମୁଣ୍ଡ ଉପରେ କୂଅଟିଏ ଖୋଳିଲେ ଏବଂ ଜଳ ତାଙ୍କର ଅଭାବ ପଡ଼ିଲା ନାହିଁ । ଆଦିବାସୀଙ୍କର ଏପରି କାର୍ଯ୍ୟ ଦେଖି ୱାର୍ଡ଼ମେମ୍ବର ଆନନ୍ଦିତ ହେଲେ ଏବଂ ଉଚ୍ଚବାଲିର ଗାଆଁ ଲୋକଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲେ । କାରଣ ସେ ତାଙ୍କର ଗୁହାରି ଶୁଣି ନଥିଲେ । ୱାର୍ଡ଼ମେମ୍ବର ବାବୁଙ୍କର ଏପରି କଥା ଶୁଣି ଲୋକମାନେ ତାଙ୍କୁ କ୍ଷମା କରିଦେଲେ । ୱାର୍ଡ଼ମେମ୍ବର ବାବୁ ସେହି ଦିନଠାରୁ ସେହି ଗ୍ରାମର ଲୋକଙ୍କ ସୁବିଧା ଅସୁବିଧା ବୁଝନ୍ତି ।


ସେ ଗାଁକୁ ବିଦ୍ୟୁତ୍ ଦିଆଗଲା । ଗ୍ରାମରେ ବିଦ୍ୟାଳୟ ସ୍ଥାପନ କରାଗଲା ଏବଂ ସେହି ଗ୍ରାମର କାର୍ଯ୍ୟରେ ସମସ୍ତେ ଆନନ୍ଦିତ ହେଲେ । ତେଣିକି ସମସ୍ତେ ଖୁସିରେ ରହିଲେ ।

**କୁମାରୀ ପୁଷ୍ପାରାଣୀ ନାୟକ**
ଅଷ୍ଟମ ଶ୍ରେଣୀ
ବାଳିକା ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର

# ନାଲି ମନ୍ଦାର

ନାଲି ମନ୍ଦାରରେ, ନାଲି ମନ୍ଦାର,
ରାତି ପାହିଲେ ତୁ' ଯାଉ ମନ୍ଦିର ।
    ନାଟି ଟହ ଟହ ରଙ୍ଗ ତୋହର,
    ସମସ୍ତଙ୍କ ମନ କରୁ ନିଜର ।
କିଏ ଗଢ଼ି ଦେଲା କହରେ ତୋତେ,
ଜଗତଟା ସାରା ମୋହିଲୁ ସତେ ।
    ଆମ ହଷ୍ଟେଲରେ ହୋଇଛୁ ରାଣୀ,
    ଉପକାରେ କଲୁ ସତରେ ଋଣୀ ।
ତୋ'ପରି କେହି ନାହିଁରେ ଆଉ,
ମାଆଙ୍କ ପାଖରେ ଶୋଭା ତୁ ପାଉ ।
    ସୁନ୍ଦର ଅଟଇ ନାମ ତୋହରି,
    ସେଥିପାଇଁ ତୁ ପ୍ରିୟ ସବୁରି ।
ନାଲି ମନ୍ଦାରରେ, ନାଲି ମନ୍ଦାର,
ରାତି ପାହିଲେ ଯାଉ ମନ୍ଦିର ।

**କୁମାରୀ ରାଜେଶ୍ୱରୀ ହାଁସଦାଃ**
ଦଶମ ଶ୍ରେଣୀ
କୁଜିଡିହୀ ଉଚ୍ଚ ବାଳିକା ବିଦ୍ୟାଳୟ



**ଜିଲିଆସ୍ ଗମାଙ୍ଗ**
ଚତୁର୍ଥ ଶ୍ରେଣୀ

# ଶିମିଳିପାଳ

ଓଡ଼ିଶାର ଉତ୍ତରରେ ମୟୂରଭଞ୍ଜ ଜିଲ୍ଲା ଅବସ୍ଥିତ । ଏହାକୁ ସଂଯୋଗ କରି ବିଶାଳକାୟ ସବୁଜ କଳେବର ଧାରଣ କରି ଶିମିଳିପାଳ ପର୍ବତମାଳା ଅବସ୍ଥିତ।

୧୧୯୪ ବର୍ଗ କି.ମି.ର ଘଞ୍ଚ ଜଙ୍ଗଲ ଏଠାରେ ଅବସ୍ଥିତ । ୧୧୩୫ ବର୍ଗ କି.ମି. ସାଧାରଣ ଜଙ୍ଗଲ ଅଛି । ୧୦ଟି ଚିରସ୍ରୋତା ନଦୀ ଏହା ଭିତରେ ପ୍ରବାହିତ । ସୌନ୍ଦର୍ଯ୍ୟର ଘର ଏହି ବନାନୀରେ ୫୫ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୩୦୪ ଜାତି ପକ୍ଷୀ , ୨୦ ପ୍ରକାରର ଉଭୟଚର ପ୍ରାଣୀ ବାସ କରନ୍ତି । ବହୁ ପର୍ଯ୍ୟଟକ ଏଠାକୁ ଭ୍ରମଣରେ ଆସିଥାନ୍ତି । ବନ୍ୟ ବିଭାଗ ଏହି ସଂରକ୍ଷିତ ଜଙ୍ଗଲର ସୁରକ୍ଷା କରିଥାନ୍ତି । ଏହା ଏକ ବିଶାଳ ବାଘ ପ୍ରକଳ୍ପ ଅଟେ । ଏଠାରେ ଥିବା ନଦୀ ଓ ଝରଣାରେ ୩୭ ପ୍ରକାରର ମାଛ ଦେଖିବାକୁ ମିଳେ । ସବୁଠାରୁ ସୁନ୍ଦର ପ୍ରଜାପତିର ୧୭୯ ପ୍ରଜାତି ଶିମିଳିପାଳରେ ବାସ କରନ୍ତି।

ଏଠାକାର ଆଦିବାସୀମାନେ ଏହି ଜଙ୍ଗଲ ଉପରେ ନିର୍ଭର କରି ରହନ୍ତି । ସେମାନେ ମହୁ, ଝୁଣା, ଲାଖ, ଦାନ୍ତକାଠି, ପତ୍ର, ମହୁଲ ଜଙ୍ଗଲରୁ ସଂଗ୍ରହ କରିଥାନ୍ତି । ଖଇରୀ ଉଷ୍ଣନ ନଦୀ କୂଳରୁ ମିଳିଥିବା ବାଘୁଣୀକୁ ପୋଷା ମନେଇ ବହୁ ବର୍ଷ ପର୍ଯ୍ୟନ୍ତ ଯଶୀପୁର ଠାରେ ରଖାଯାଇଥିଲା । ତା'ର ନାମ ଖଇରି । ସେ ମରି ଯାଇଥିଲେ ମଧ୍ୟ ତା'ର ସ୍ମୃତିସ୍ଥଳକୁ ପର୍ଯ୍ୟଟକମାନେ ଦେଖିବାକୁ ଆସନ୍ତି । ଏବେ ବି ଡାକ ଟିକଟରେ ତା'ର ଛବି ଦେଖିବାକୁ ମିଳେ।

ଏହି ସୁନ୍ଦର ସବୁଜ ବଳୟର ସୁରକ୍ଷା ଓ ବିକଶିତ ଜୀବନ କାମନା କରିବା ଆମର କର୍ତ୍ତବ୍ୟ ।

**କୁମାରୀ ସୁକାନ୍ତୀ ମାଝୀ**
ସପ୍ତମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ରେବଣାପଲାଶପାଳ



# ମାଆ

ମାଆ ମାଆ ଡାକ ଆହାକି ମଧୁର
ସୁଧା ନୁହେଁ ତା'ର ସରି,
ଦୁନିଆଟା ଯାକ ଖୋଜି ଥକି ଗଲେ
ନ ମିଳିବ ତାହା ପରି ।
ମାଆର କରୁଣା ମମତା ଅପାର,
ମାଆ ଅତି ଆପଣାର,
ତା'ର କୋଳେ ରହିଥିବି ଯେତେ ବେଳେ,
କାହାକୁ ନଥିବ ଡର ।
ଦୁନିଆରେ କେହି ନାହିଁ ମାଆ ପରି
ବୁଝିବ ମନର କଥା,
ସନ୍ତାନ ହସିଲେ ହସି ହସି ସିଏ,
ଭୁଲି ଯାଏ ନିଜ ବ୍ୟଥା ।
ମାଆଟି ମୋହର ସ୍ୱରଗଠୁ ବଡ଼,
ମାଆର ଚରଣ ତଳେ,
ସୁଝି ହେବ ନାହିଁ ମାଆ ଋଣ କେବେ,
ଯେତେ ପ୍ରତିଦାନ ଦେଲେ ।



**କୁମାରୀ ବାଙ୍କେଶ୍ୱରୀ ଗମାଙ୍ଗ**
ଅଷ୍ଟମ ଶ୍ରେଣୀ
ସରକାରୀ ଉଚ ବାଳିକା ବିଦ୍ୟାଳୟ, କୋଣାର୍କ

# ବିଦ୍ୟା


ସମସ୍ତେ ଜାଣନ୍ତି ବିଦ୍ୟା ଅଟଇ ମହାଧନ । ଏ ଦୁନିଆରେ ସବୁ ଚୋରିହୁଏ, କିନ୍ତୁ ବିଦ୍ୟା ଏମିତି ଗୋଟିଏ ଜିନିଷ ଯେ ତାକୁ କେହି ଚୋରି କରି ନେଇପାରନ୍ତି ନାହିଁ । ବିଦ୍ୟା କାହାକୁ କଷ୍ଟଦିଏ ନାହିଁ । ମଲା ପର୍ଯ୍ୟନ୍ତ ତାହା ନିଜ ଭିତରେ ଏମିତି ଥାଏ । ସିଏ ଆମକୁ ଛାଡି ରହିପାରେନି କି ଆମେ ମଧ ତାକୁ ଛାଡ଼ି ରହିପାରିବା ନାହିଁ ।

ତାକୁ ସମସ୍ତେ ପାଇପାରନ୍ତି ନାହିଁ, କାରଣ ଯିଏ କଷ୍ଟକରେ ସିଏ ହିଁ କୃଷ୍ଣଙ୍କୁ ପାଇଥାଏ । ମାତ୍ର ସଂସାରରେ ସମସ୍ତେ ଗୋଟିଏ ଜିନିଷ ପାଇଁ କଳି କରନ୍ତି, ସେ ହେଉଛି ଟଙ୍କା । ଏମାନେ ଜାଣିପାରନ୍ତି ନାହିଁ ଯେ ଆମର ମୂଲ୍ୟବାନ ଜିନିଷ ହେଉଛି ବିଦ୍ୟା । ଯିଏ ଏହାକୁ ପାଏ ସିଏ ଜୀବନସାରା ସଂସାର ଧରି ସୁଖରେ ରୁହେ । ଯିଏ ନ ପାଏ ସିଏ ଜୀବନସାରା ଦୁଃଖରେ ଥାଏ । ତେଣୁ ଏ ଦୁନିଆରେ ସମସ୍ତେ କୁହନ୍ତି ବିଦ୍ୟାକୁ କେବେ ହେଲେ ହାତଛଡ଼ା କରିବା ନାହିଁ ।

ବିଦ୍ୟା ହେଉଛି ଆମର ଅନ୍ତରର ବନ୍ଧୁ । ବିଦ୍ୟାକୁ ଛାଡ଼ିଦେଲେ ଆଉ ଦୁନିଆରେ ଆମର କେହି ନାହାନ୍ତି । ବିଦ୍ୟା ସବୁବେଳେ ଆମ ପାଖେ ପାଖେ ଥାଏ । ବିଦ୍ୟା ସମସ୍ତଙ୍କ ଦ୍ୱାରା ହୁଏ ନାହିଁ, କିନ୍ତୁ ଚେଷ୍ଟା କଲେ ତାହା ନିଶ୍ଚୟ ହେବ । ଚେଷ୍ଟା ଏବଂ ପରିଶ୍ରମ ଦୁନିଆରେ ମଣିଷକୁ ସଫଳ କରିଥାଏ ।

ବିଦ୍ୟା ହେଉଛି ଆମର ମା'ପରି । ଆମର ମୂଲ୍ୟବାନ ଜିନିଷ ହେଉଛି ବିଦ୍ୟା । ପୁସ୍ତକରୁ, ଅଭିଜ୍ଞତା, ଉପଦେଶରୁ ଆମେ ଅନେକ ବିଦ୍ୟା ଉପଯୋଗୀ କଥା ପାଇଥାଉ । ବିଦ୍ୟା ହେଉଛି ଏକ ମହାଧନ, ଏହାଠୁ ଅଧିକ ଧନ ଯେଉଁଠି ଖୋଜିଲେ ବି ମିଳେ ନାହିଁ । ଧନ ଭିତରେ ବିଦ୍ୟାକୁ ମହାଧନ ଭାବରେ ଗ୍ରହଣ କରାଯାଇଛି । "ବିଦ୍ୟାଅଟଇ ମହାଧନ, ଆଳସ୍ୟ ଦୁଃଖର କାରଣ" ।

**କୁମାରୀ ବବିତା ମାଝୀ**
ଦଶମ ଶ୍ରେଣୀ
କୁଜିଡିହୀ କନ୍ୟା ଆଶ୍ରମ



# ଇଚ୍ଛା ଥିଲେ ଉପାୟ ଅଛି

ନାଆଁଟି ତା'ର ରାଧୁଆ । ସେ ଦେଖିବାକୁ ଡଉଲ ଡାଉଲ । ଗୋଟିଏ ଚାଉଳରେ ଗଢ଼ା । ଛୋଟ ଦିନରୁ ହିଁ ତା'ର ପାଠ ପ୍ରତି ବହୁତ ଆଗ୍ରହ । ହେଲେ ସେ ତା'ର ଇଚ୍ଛା ଅନୁସାରେ ଉପଯୁକ୍ତ ଶିକ୍ଷା ପାଇପାରୁ ନଥିଲା ।

ତା'ର ବାପା ମାଆ ଅଶିକ୍ଷିତ ଥିଲେ । ତାଙ୍କୁ ପାଠ ବ୍ୟତୀତ ବିଭିନ୍ନ କାର୍ଯ୍ୟ କରିବାକୁ ପରାମର୍ଶ ଦେଉଥିଲେ । ହେଲେ ପାଠ ପଢ଼ିବାକୁ ଯାହାର ମନ ସେ ଅନ୍ୟ କାମ କରିବ କିପରି ? ତେଣୁ ସେ କାମ କଲେ ମଧ୍ୟ ଖୁସିର ସହିତ କରୁନଥିଲା । କେବଳ ସୁଯୋଗ ଅପେକ୍ଷାରେ ବସିଥିଲା କିପରି ସମୟ ପାଇଲେ ପାଠ କିଛି ପଢ଼ିବ ।


ଏହିପରି କିଛିଦିନ ଗଲା । ରାଧୁଆ ପାଖରେ ଆସି ପହଞ୍ଚିଲା ଏକ ସୁଯୋଗ ।

ତାଙ୍କ ଗ୍ରାମର ବିଦ୍ୟାଳୟରେ ଏକ ନୂଆ ଶିକ୍ଷକ ନିଯୁକ୍ତି ପାଇଲେ । ସେ ତାଙ୍କରି ଗ୍ରାମରେ ଘର ନେଇ ରହିଲେ । ଏଥର ଟିକେ ସମୟ ପାଇଲେ ରାଧୁଆ ଗ୍ରହିଁଲା ତା'ର ସୁଯୋଗ ନେବାକୁ । ଏପରିକି ତା'ର ବାପା, ମାଆ ବି ଜାଣି ନଥିଲେ ତାଙ୍କରି ରାଧୁଆ ଦିନେ ତାଙ୍କ ମଧ୍ୟରେ ପଦ୍ମ ହୋଇ ଫୁଟି ବାହାରିବ ବୋଲି । କିଛି ଦିନ ବିତିଲା । ରାଧୁଆ ଗୋଟିଏ ପରେ ଗୋଟିଏ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇ ଚାଲିଲା । ଶେଷରେ ସେହି ଗ୍ରାମରେ ହିଁ ଗୋଟିଏ ଶିକ୍ଷକ ଭାବେ ନିଯୁକ୍ତି ପାଇଲା ।

ସେଦିନ ସାରା ଦୁନିଆ ଜାଣିଲା ରାଧୁଆର ଗୁଣ । ସେ ନିଜେ ଗର୍ବର ସହିତ କହିଲା ମତେ ଏ ସମାଜ ଅଯୋଗ୍ୟ, ଅଶିକ୍ଷିତ କରିବା ଆଗରୁ କେତେବେଳେ ଯେ ମୁଁ ଶିକ୍ଷିତ ହୋଇଗଲି, ତାହା ଈଶ୍ୱର ଜାଣିଥିବେ । ଆଜି ମୁଁ ଶିକ୍ଷକ ହୋଇ ମୋ ଜ୍ଞାନର ଆଲୋକରେ ସାରା ଗ୍ରାମର ଅଜ୍ଞାନ ଅନ୍ଧାକାରକୁ ଦୂର କରିବି । ଏହା ହିଁ ମୋର ଲକ୍ଷ୍ୟ, ଆଶା ଆଉ ବିଶ୍ୱାସ ମଧ୍ୟ ।

ରାଧୁଆର କାହାଣୀ କେବଳ ତାଙ୍କ ଗ୍ରାମ ପାଇଁ ଏକ ନିଛକ ଉଦାହରଣ ନୁହେଁ, ଏହା ସାରା ସମାଜ ପାଇଁ ଏକ ଯୁକ୍ତିଯୁକ୍ତ ଆହ୍ୱାନ ।

**କୁମାରୀ ମିହିତା ଦଳବେହେରା**
ଅଷ୍ଟମ ଶ୍ରେଣୀ
ସରକାର ବାଳିକା ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର





# ସରଗିଫୁଲର ସଂପାଦକ

ସରଗିଫୁଲ ସଂପାଦକ ଶ୍ରୀ ଜିତେନ୍ଦ୍ର ନାରାୟଣ ଦାଶ, ରାଜନୀତି ବିଜ୍ଞାନର ପ୍ରାଧ୍ୟାପକର ଦାୟିତ୍ୱ ତୁଲାଇ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବରେ ଅବସର ନେଇଛନ୍ତି । ତାଙ୍କର ସମସ୍ତ ସାହିତ୍ୟିକ କୃତି ଦାଶ ବେନହୁର ନାମରେ ପ୍ରକାଶିତ । ଏହି ନାମରେ ସେ ପାଠକଙ୍କ ନିକଟରେ ଜଣାଶୁଣା । ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଓଡ଼ିଶା ବିଜ୍ଞାନ ଏକାଡ଼େମୀ, ଉତ୍କଳ ସାହିତ୍ୟ ସମାଜ ଓ ଏନ୍.ସି.ଇ.ଆର୍.ଟି., ନୂଆଦିଲ୍ଲୀ ଆଦିଙ୍କ ଦ୍ୱାରା ପୁରସ୍କୃତ ଏହି ଲେଖକ ଅସଂଖ୍ୟ ଗଳ୍ପ, କବିତା, ପ୍ରବନ୍ଧ ଆଦି ଲେଖିବା ସହିତ ଶିଶୁ ଓ କିଶୋରମାନଙ୍କ ଲାଗି ପଚାଶରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି ।

ପିଲାମାନଙ୍କ ନିମନ୍ତେ ସାହିତ୍ୟ ରଚନା କରି ସେ ଅଗଣିତ ପାଠକଙ୍କର ଶ୍ରଦ୍ଧାଭାଜନ ହୋଇଛନ୍ତି । ତେଣୁ ତାଙ୍କର ଆଗ୍ରହ ଓ କୁଶଳତାକୁ ଆଖିରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ତରଫରୁ 'ସରଗିଫୁଲ'ର ସମ୍ପାଦନା ଦାୟିତ୍ୱ ତାଙ୍କ ହସ୍ତରେ ଅର୍ପଣ କରାଯାଇଛି ।

ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ


# ସୂଚନା

'ସରଗିଫୁଲ' ପତ୍ରିକା ସକାଶେ ବିଦ୍ୟାଳୟଗୁଡ଼ିକ ମାଧ୍ୟମରେ ଆସିଥିବା ଛାତ୍ରଛାତ୍ରୀଙ୍କର ଅନେକ ଲେଖା ସେମାନଙ୍କର ନିଜସ୍ୱ ନୁହେଁ ବୋଲି ଜଣାପଡୁଛି । ଆମର ଉଦ୍ଦେଶ୍ୟ ନୁହେଁ ଯେଉଁମାନେ ନିଜସ୍ୱ ଲେଖା ନ ପଠାଇ ଅନ୍ୟ ଲୋକଙ୍କ ଲେଖାକୁ ପଠାଉଛନ୍ତି ସେମାନଙ୍କୁ ଆଙ୍ଗୁଳି ନିର୍ଦ୍ଦେଶ କରି ଦଣ୍ଡ ବିଧାନ କରିବା । ଏ ପତ୍ରିକା ପିଲାମାନଙ୍କର ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ । ଆମର ଆଶା ଏଣିକି ଛାତ୍ରଛାତ୍ରୀମାନେ ନିଜସ୍ୱ ଲେଖା ହିଁ ସ୍କୁଲ ମାଧ୍ୟମରେ ପଠାଇବେ । ଲେଖା-ଚୋରି ଏକ ଦଣ୍ଡନୀୟ କାର୍ଯ୍ୟ । ସେଥିରୁ ଛାତ୍ରଛାତ୍ରୀମାନେ ଦୂରରେ ରହିବା ଦରକାର । ପ୍ରତିଟି ଲେଖା, ଏହା ପ୍ରକୃତରେ ପ୍ରେରକଙ୍କର କି ନୁହେଁ ସେ କଥା ଜାଣିବା ସମ୍ପାଦନା ବିଭାଗ ପକ୍ଷରେ ନିଶ୍ଚିତରେ ଏକ କଷ୍ଟକର ବ୍ୟାପାର ।

ଆମେମାନେ ନିଜେ ନିଜେ ସାଧୁତା ଅବଲମ୍ବନ କରିବା ଉଚିତ୍ କାରଣ କେହି କାହାକୁ ବାଧ୍ୟକରି ସାଧୁପଣରେ ବ୍ରତୀ କରାଇପାରେ ନାହିଁ । ଅତଏବ ଲେଖାଗୁଡ଼ିକ ପଠାଇବା ସମୟରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ନିମ୍ନ ବିଷୟର ପ୍ରତି ଧ୍ୟାନ ଦେବା ବିଧେୟ ।

- ପ୍ରତିଟି ଲେଖା ନିଜସ୍ୱ ହେବା ଦରକାର ।
- ଭଲ ଭାବରେ ଗୋଟିଏ ପାଖରେ ସ୍ୱଷ୍ଟ ଭାବେ ଲେଖାଗୁଡ଼ିକ ରହିବା ଦରକାର ।
- ପ୍ରତି ଲେଖା ତଳେ ଛାତ୍ରଛାତ୍ରୀ ଲେଖିବା ଆବଶ୍ୟକ ଯେ "ଏହା ମୁଁ ନିଜ ମନରୁ ଲେଖିଛି ।"
- ବନାନ ଓ ବ୍ୟାକରଣ ବ୍ୟବହାରର ଶୁଦ୍ଧତା ପାଇଁ ଅଭିଜ୍ଞ ଶିକ୍ଷକଙ୍କ ପରାମର୍ଶ ନେବା ବାଞ୍ଛନୀୟ ।
- ପ୍ରବନ୍ଧ ଆଦି ଲେଖିବା ସମୟରେ ଯଦି ଆଉ କେଉଁ ଲେଖକଙ୍କର ଲେଖାକୁ ଉଦ୍ଧାର କରିବା ଆବଶ୍ୟକ ପଡ଼େ ତେବେ ସେଥିପାଇଁ ଲେଖା ଶେଷରେ ଅମୁକ ଲେଖକଙ୍କର ଅମୁକ ଲେଖାରୁ ଏହା ଉଦ୍ଧାର କରାଯାଇଛି ବୋଲି ଲେଖିବା ଜରୁରୀ ।

(ସମ୍ପାଦନା ବିଭାଗ)




ସର୍‌ଗିଫୁଲ-୨୦

